Bhubaneswar- 20 June 2026
ଭୁବନେଶ୍ୱର- ୨୦ ଜୁନ୍ ୨୦୨୬
Vol- 1 Issue - 54
ଭାଗ- ୧ ସଂଖ୍ୟା- ୫୪
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
THE PRATISHABDA




# ରାଇରଙ୍ଗପୁରରେ ରାଷ୍ଟ୍ରପତି

- ଆଜି ଆସିବେ ପ୍ରଧାନମନ୍ତ୍ରୀ
- ପାହାଡ଼ପୁର ବୁଲିବେ ପ୍ରଧାନମନ୍ତ୍ରୀ ଓ ମହାମହିମ
- ଭେଟି ଦେବେ ୪୭ ହଜାର କୋଟି ଟଙ୍କାର ପ୍ରକଳ୍ପ
- ମୁଁ କାଲି ମୟୂରଭଞ୍ଜରେ ରହିବି'
- ଓଡ଼ିଆରେ ଟ୍ୱିଟ୍ କରି ଜଣାଇଲେ ପ୍ରଧାନମନ୍ତ୍ରୀ ମୋଦୀ



**ରାଇରଙ୍ଗପୁର :** ଓଡ଼ିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନ୍ମମାଟିରେ ପାଦ ରଖିଛନ୍ତି । ସେ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ପଶ୍ଚିମବଙ୍ଗର କଳେଇକୁଣ୍ଡା ବିମାନବନ୍ଦରରେ ପହଞ୍ଚିଥିଲେ । ସେଠାରୁ ସଡ଼କ ପଥରେ ଆସିଛନ୍ତି । ରାଷ୍ଟ୍ରପତି ରାଇରଙ୍ଗପୁରକୁ ହେଲିକ୍ୟାପଟର ଯୋଗେ ଆସିବାର ଥିଲା । କିନ୍ତୁ ପାଗ ଖରାପ ଥିବାରୁ ସେ ସଡ଼କପଥରେ ବାହାରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ନେଇ ଜନ୍ମମାଟିରେ ଉତ୍ସାହ ଦେଖାଯାଇଛି । ପ୍ରଥମଥର ପାଇଁ ରାଷ୍ଟ୍ରପତିଙ୍କ ସହ ପ୍ରଧାନମନ୍ତ୍ରୀଙ୍କୁ ପାଖରେ ପାଇବେ ପାହାଡ଼ପୁରୀବାସୀ । ଯାହାକୁ ନେଇ ପାହାଡ଼ପୁରବାସୀ ବେଶ୍ ଉତ୍ସାହିତ' ବୋଲି କହିଛନ୍ତି । ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏମ୍ସ ଭୁବନେଶ୍ୱର ସହଯୋଗରେ ଆୟୋଜିତ ମେଗା ସ୍ୱାସ୍ଥ୍ୟ ଶିବିରରେ ପହଞ୍ଚିଥିଲେ ରାଷ୍ଟ୍ରପତି । ପ୍ରତିକୂଳ ପାଗ ଯୋଗୁଁ କଳେଇକୁଣ୍ଡାରୁ ସଡ଼କ ପଥରେ ଆସିବା କାରଣରୁ ଡେରିରେ ରାଇରଙ୍ଗପୁର ପହଞ୍ଚିଲେ ରାଷ୍ଟ୍ରପତି । ସ୍ୱାସ୍ଥ୍ୟ ଶିବିରରେ ଏମ୍ସର ଡାକ୍ତର ଏବଂ ରୋଗୀଙ୍କ ସହିତ ଆଲୋଚନା ପରେ ସମସ୍ତଙ୍କ ସହିତ ଫୋଟୋ ଉଠାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଡାକ୍ତରଖାନା ପରିସରରୁ ଆଭାସୀ ମାଧ୍ୟମରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି । ଓଡିଶାରେ ମୋହନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଦାଣ୍ଡବୋଷରେ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଏଥିସହ ରାଷ୍ଟ୍ରପତି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଉପସ୍ଥିତ ରହିବେ । ପ୍ରଧାନମନ୍ତ୍ରୀ ଶନିବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ।ଶନିବାର ସକାଳ ୧୦ଟା ୨୦ରେ ରାଷ୍ଟ୍ରପତି ଦାଣ୍ଡବୋଷ ବିମାନବନ୍ଦରରୁ ହେଲିକପ୍ଟର (ଏମ୍‌ଆଇ-୧୭) ଯୋଗେ ଦିଘିବେଡ଼ା ହେଲିପ୍ୟାଡ୍‌ରେ ପହଞ୍ଚିବେ । ସେଠାରୁ ସଡ଼କ ପଥରେ ଯାଇ ପୂର୍ବାହ୍ନ ୧୧ଟା ସୁଦ୍ଧା ପାହାଡ଼ପୁରସ୍ଥିତ ଘରକୁ ଯିବେ । ଅନ୍ୟପଟେ ପ୍ରଧାନମନ୍ତ୍ରୀ ମୋଦି ଶନିବାର ମୟୂରଭଞ୍ଜରେ ପହଞ୍ଚିବେ । ପୂର୍ବାହ୍ନ ୧୧ଟା ୧୫ରେ ରାଷ୍ଟ୍ରପତିଙ୍କୁ ଭେଟିବେ ମୋଦି । ଉଭୟ ଏକ ଆବାସିକ ସ୍କୁଲ ଓ ସ୍କିଲ୍ ସେଣ୍ଟର ପରିଦର୍ଶନ କରିବେ । ଶିକ୍ଷା ଓ କୌଶଳ ବିକାଶ କ୍ଷେତ୍ରରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିବେ । ମଧ୍ୟାହ୍ନ ୧୨ଟା ୨୦ରେ ରାଷ୍ଟ୍ରପତି ଦିଘିବେଡ଼ାରୁ ହେଲିକପ୍ଟର ଯୋଗେ ଦାଣ୍ଡବୋଷ ବିମାନବନ୍ଦର ଯିବେ । ଅନ୍ୟପଟରେ ମୁଁ କାଲି ମୟୂରଭଞ୍ଜରେ ରହିବି' ବୋଲି ଓଡ଼ିଆରେ ଟ୍ୱିଟ୍ କରି ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଶନିବାର ମୟୂରଭଞ୍ଜରେ ରହିବେ ପ୍ରଧାନମନ୍ତ୍ରୀ ମୋଦୀ । ତାଙ୍କର ଏହି ଓଡ଼ିଶା ଗସ୍ତ ଉଲ୍ଲେଖନୀୟ ହେବ । କାରଣ ରାଷ୍ଟ୍ରପତି ମଧ୍ୟ ତାଙ୍କ ଜନ୍ମମାଟିକୁ ଆସିଛନ୍ତି । । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମୋଦୀ ପାହାଡପୁର ଗାଁକୁ ଯିବେ ଏବଂ ତାହା ପରେ ଓଡ଼ିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ୪୭,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ କାର୍ଯ୍ୟର ଉଦଘାଟନ ଅଥବା ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ ।

# ଫୁଟ୍‌ପାଥ୍‌ରେ ଚାଲିବା ନାଗରିକଙ୍କ ମୌଳିକ ଅଧିକାର : ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ:** ଦେଶର ସବୁ ନାଗରିକଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ବଡ଼ ରାୟ । ଫୁଟ୍‌ପାଥ୍‌ରେ ଚାଲିବା ଏବେ ନାଗରିକଙ୍କ ମୌଳିକ ଅଧିକାର । ରାସ୍ତାରେ ଗାଡ଼ି ମୋଟର ଚଳାଚଳ ତୁଳନାରେ ପଥଚାରୀଙ୍କ ଅଧିକାରକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଛନ୍ତି କୋର୍ଟ । ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି କହିଛନ୍ତି, ସ୍ୱତନ୍ତ୍ର ଭାବେ ଚିହ୍ନଟ ହୋଇଥିବା ଫୁଟ୍‌ପାଥ୍‌ରେ ଚାଲିବା ପ୍ରତ୍ୟେକ ନାଗରିକଙ୍କ ସାମ୍ବିଧାନିକ ମୌଳିକ ଅଧିକାର । ସମ୍ବିଧାନର ଧାରା ୧୯(୧)(ଡି) ଏବଂ ଧାରା ୨୧ ଅନୁଯାୟୀ ଏହା ଜୀବନ ଜୀବିକା ଓ ମୁକ୍ତ ଭାବେ ବୁଲିବା ଅଧିକାରର ଅଂଶ ବିଶେଷ । ଜଷ୍ଟିସ ପି.ଏସ. ନରସିଂହ ଏବଂ ଜଷ୍ଟିସ ଏ.ଏସ. ଚାନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ଐତିହାସିକ ରାୟ ଶୁଣାଇଛନ୍ତି । କୋର୍ଟ କହିଛନ୍ତି ଯେଉଁଠି ରାସ୍ତା ଅଛି, ସେଠାରେ ପଥଚାରୀଙ୍କ ପାଇଁ ଫୁଟ୍‌ପାଥ୍ ନିର୍ମାଣ ଓ ରକ୍ଷଣାବେକ୍ଷଣ କରିବା ପ୍ରଶାସନର ବାଧ୍ୟତାମୂଳକ କର୍ତ୍ତବ୍ୟ । ଏକ ଦୁର୍ଘଟଣା ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜଣେ ୫ ବର୍ଷର ଶିଶୁ ନିଜ ବାପାଙ୍କ ସହ ସ୍କୁଲ ଯାଉଥିବା ବେଳେ ଟ୍ୟାଙ୍କର ଧକ୍କାରେ ପ୍ରାଣ ହରାଇଥିଲା । ସେହି ସ୍ଥାନରେ କୌଣସି ଫୁଟ୍‌ପାଥ୍ କିମ୍ବା ଜେବ୍ରା କ୍ରସିଂ ନଥିଲା । ଏହି ମାମଲାରେ ସୁପ୍ରିମକୋର୍ଟ ମୃତ ଶିଶୁର ପରିବାର ପାଇଁ କ୍ଷତିପୂରଣ ରାଶିକୁ ୧୧ ଲକ୍ଷ ୪୪ ହଜାର ୬୨୮ ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହା ସହିତ ଦୁଇ ମାସ ମଧ୍ୟରେ ଏହି ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ସ୍ଥାନରେ ଫୁଟ୍‌ପାଥ୍ ଅଧିକାର କ୍ଷୁଣ୍ଣ ହୁଏ, ତେବେ ନାଗରିକମାନେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ ଆଇନଗତ ଓ ସାମ୍ବିଧାନିକ ପଦକ୍ଷେପ ନେଇପାରିବେ । ଏହି ପ୍ରକ୍ରିୟା ମୋଟର ଯାନ ଆଇନ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବାହନ ତିଆରି ହେବା ପୂର୍ବରୁ ମଣିଷ ଚାଲିବା ଶିଖିଥିଲା, ତେଣୁ ଚାଲିବାର ଅଧିକାର ସବୁଠୁ ପ୍ରଥମ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

# ବଢ଼ିଲା ଯୁକ୍ତ ୩ ସିଟ୍

**ଭୁବନେଶ୍ୱର:** ଚଳିତ ଶିକ୍ଷା ବର୍ଷ ପାଇଁ ଯୁକ୍ତ ୩ ସିଟ୍ ସଂଖ୍ୟା ବୃଦ୍ଧି କରିଛି ଉଚ୍ଚଶିକ୍ଷା ବିଭାଗ । ବିଭିନ୍ନ କଲେଜରେ ଯୁକ୍ତ ୩ ପାଠ୍ୟକ୍ରମ ପାଇଁ ମୋଟ୍ ୧୦ ହଜାର ୩୭୨ଟି ସିଟ୍ ବୃଦ୍ଧି କରାଯାଇଛି । ସରକାରୀ କଲେଜରେ ୪୬୮୪ ସିଟ୍ ବଢ଼ା ଯାଇଥିବା ବେଳେ ୪୮୮ ବର୍ଗ ଅନୁଦାନପ୍ରାପ୍ତ କଲେଜରେ ୩୪୧୬ଟି ଓ ୬୬୨ ବର୍ଗ ଅନୁଦାନପ୍ରାପ୍ତ କଲେଜରେ ୧୦୫୬ଟି ସିଟ୍ ବୃଦ୍ଧି କରାଯାଇଛି । ଏହି ସନ୍ଦର୍ଭରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର, ଜୟପୁର ଓ ସମ୍ବଲପୁରରେ ଅବସ୍ଥାପିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକମାନଙ୍କ ସହିତ ପିଜି କାଉନସିଲ ଚେୟାରମ୍ୟାନ ଓ ଅଧ୍ୟକ୍ଷମାନଙ୍କୁ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଅନେକ ଉଚ୍ଚ ଶିକ୍ଷା ଅନୁଷ୍ଠାନରେ ଯୁକ୍ତ ୩ର ନିର୍ଦ୍ଦିଷ୍ଟ କିଛି ବିଷୟରେ ନାମ ଲେଖାଇବା ପାଇଁ ଶିକ୍ଷାର୍ଥୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ରହିଛି । କିନ୍ତୁ ସେହି ଅନୁସାରେ ଉକ୍ତ ବିଷୟଗୁଡ଼ିକରେ ଯଥେଷ୍ଟ ସିଟ୍ ଉପଲବ୍ଧ ନାହିଁ । ଏହାକୁ ବିଚାରକୁ ନେଇ ସରକାର ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ କିଛି ନିର୍ଦ୍ଦିଷ୍ଟ ବିଷୟ ପାଇଁ କିଛି ଷ୍ଟେଟ୍ ପବ୍ଲିକ ୟୁନିଭର୍ସିଟି, ସରକାରୀ କଲେଜ ଓ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ସିଟ୍ ସଂଖ୍ୟା ବୃଦ୍ଧି କରିଛନ୍ତି । ଏହି ସଂଶୋଧିତ କ୍ଷମତାକୁ ସାମ୍ସ ପୋର୍ଟାଲରେ ଚଳିତ ଶିକ୍ଷା ବର୍ଷ ପାଇଁ ସାମିଲ କରାଯାଇଛି ।

# ଆପାର୍ଟମେଣ୍ଟ ପଞ୍ଜୀକରଣ ପାଇଁ ରାଜ୍ୟ ସରକାରଙ୍କ ନୂତନ ଏସ୍‌ଓପି

**ଭୁବନେଶ୍ୱର :** ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ମିଳିତ ଭାବେ ଆପାର୍ଟମେଣ୍ଟ ପଞ୍ଜୀକରଣ ନିମନ୍ତେ ଏକ ମାନକ କାର୍ଯ୍ୟପ୍ରଣାଳୀ ଏସଓପି ଜାରି କରିଛନ୍ତି । ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଏବଂ ପରିଚାଳନା) ଆଇନ, ୨୦୨୩, ରିଅଲ୍ ଇଷ୍ଟେଟ୍ (ନିୟନ୍ତ୍ରଣ ଓ ବିକାଶ) ଆଇନ, ୨୦୧୬ ଏବଂ ପଞ୍ଜୀକରଣ ଆଇନ, ୧୯୦୮ର ବିଭିନ୍ନ ବ୍ୟାଖ୍ୟା କାରଣରୁ ସୃଷ୍ଟ ହେଉଥିବା ଅସ୍ୱଷ୍ଟତା ଦୂର କରିବା ସହ ରାଜ୍ୟବ୍ୟାପୀ ଏକ ସମାନ ପ୍ରକ୍ରିୟା ଅନୁସରଣ ସୁନିଶ୍ଚିତ କରିବା ପାଇଁ ଏହି ଏସ୍‌ଓପି ପ୍ରଣୟନ କରାଯାଇଛି । ନୂତନ ଏସ୍‌ଓପି ଅନୁଯାୟୀ ଆପାର୍ଟମେଣ୍ଟ୍ ସମ୍ବନ୍ଧୀୟ ପଞ୍ଜୀକରଣକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି ପ୍ରି-ରେରା ଆପାର୍ଟମେଣ୍ଟର ପୁନଃ ବିକ୍ରୟ, ପ୍ରି-ରେରା ପ୍ରକଳ୍ପରେ ବିକ୍ରୟ ହୋଇନଥିବା ଫ୍ଲାଟ୍ର ପ୍ରଥମ ବିକ୍ରୟ ଏବଂ ପୋଷ୍ଟ-ରେରା ଆପାର୍ଟମେଣ୍ଟ୍ ।

# ଆଜିଠାରୁ ପ୍ରତି ପଞ୍ଚାୟତରେ 'ଜନକଲ୍ୟାଣ ଶିବିର'

**ଭୁବନେଶ୍ୱର :** ସରକାରୀ ଯୋଜନାର ଲାଭ ଯେପରି କୌଣସି ଯୋଗ୍ୟ ହିତାଧିକାରୀଙ୍କ ନିକଟରୁ ବଞ୍ଚିତ ନ ହୁଏ ଏବଂ ଜନସାଧାରଣଙ୍କ ଦୁଆରମୁହଁରେ ସରକାରୀ ସେବା ପହଞ୍ଚିପାରିବ, ସେଥିପାଇଁ ରାଜ୍ୟ ସରକାର ଏକ ବୃହତ୍ ଜନସମ୍ପର୍କ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି । ଆସନ୍ତା ୨୦ଜୁନ୍ରୁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ 'ଜନକଲ୍ୟାଣ ଶିବିର' ଆୟୋଜନ କରାଯିବ । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏ ନେଇ ସମସ୍ତ ଜିଲ୍ଲାପାଳଙ୍କୁ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି । ରାଜ୍ୟବ୍ୟାପୀ ସରକାରୀ ଜନସଂପର୍କ ଏବଂ ଜନଭାଗିଦାରୀ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏହି ଜନକଲ୍ୟାଣ ଶିବିର ଆୟୋଜିତ ହେବ । ଏହା ମାଧ୍ୟମରେ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ସ୍ଥାପନ ହେବା ସହ ସରକାରୀ ଯୋଜନାର ସଚେତନତା, ହିତାଧିକାରୀ ଚିହ୍ନଟ, ପଞ୍ଜୀକରଣ, ଅଭିଯୋଗ ଗ୍ରହଣ ଏବଂ ସୁବିଧା ବଣ୍ଟନକୁ ଏକ ମଞ୍ଚରେ ଆଣିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

# ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ

- ୪୯ ପ୍ଲଟ୍, ୨ ଫ୍ଲାଟ୍, ୨ ଫାର୍ମ ହାଉସ୍ ଠାବ
- ମିଳିଲା କେଜିଏ ସୁନା ଓ ନଗଦ ୫ ଲକ୍ଷ ୪୮ ହଜାର



**କୋରାପୁଟ:** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ । ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ତାଙ୍କର କୋରାପୁଟ ଜିଲ୍ଲା ଜୟପୁରର ପାରାବେଡ଼ା ଅଞ୍ଚଳରେ ଥିବା ଭଡ଼ା ଘର ସମେତ ମୋଟ ୭ଟି ଠିକଣାରେ ଚଢ଼ାଉ କରାଯାଇଛି । ଚଢ଼ାଉ ବେଳେ ତାଙ୍କର ପୁଳା ପୁଳା ସଂପତ୍ତି ଠାବ କରିଛି ଭିଜିଲାନ୍ସ । ଏଇଇ ସତ୍ୟନାରାୟଣ ସେଠୀ ଓ ତାଙ୍କ ପରିବାର ଲୋକଙ୍କର ୨ ଫ୍ଲାଟ୍, ୨ଟି ଫାର୍ମ ହାଉସ୍ ଓ ୪୯ଟି ଦାମୀ ପ୍ଲଟ୍ ରହିଛି । ତାଙ୍କ ଘରୁ ପ୍ରାୟ ୯୪୦ ଗ୍ରାମ ସୁନା ଗହଣା, ପ୍ରାୟ ଅଢ଼େଇ କେଜିର ରୁପା ଗହଣା ଓ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ଜବତ କରାଯାଇଛି । ସେ ୬୦.୯୨ ଲକ୍ଷ ଟଙ୍କା ଜମା ରଖିଛନ୍ତି । ଶ୍ରୀ ସେଠୀଙ୍କର ଗୋଟିଏ ଫ୍ଲାଟ୍ ଖୋର୍ଦ୍ଧା ଜିଲ୍ଲା ଜଟଣୀର ମାଧିପୁର ମୌଜାର ହାଇଟେକ୍ ପ୍ଲାଜାରେ ରହିଛି । ଏହି ୨ବିଏଚକେ ଫ୍ଲାଟ୍ ପ୍ରାୟ ୧୦୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି । ତାଙ୍କର ଆଉ ଗୋଟିଏ ଫ୍ଲାଟ୍ ହେଉଛି ବେନାମୀ । ଏହି ଫ୍ଲାଟ କୋରାପୁଟର ଜୟପୁରର ପିଆର ପେଟାରେ ଅଛି । ସେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ନାଁରେ ଏହି ଫ୍ଲାଟ୍ ରଖିଛନ୍ତି । ଏନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଚାଲିଛି । ତାଙ୍କର ଦୁଇଟି ଯାକ ଫାର୍ମ ହାଉସ୍ କୋରାପୁଟ ଜିଲ୍ଲା ବୋରିଗୁମା ତହସିଲରେ ରହିଛି । ଏଥିରୁ ଗୋଟିଏ ୧୦.୦୩ ଏକରର ହୋଇଥିବା ବେଳେ ଅନ୍ୟଟି ୪.୩୫ ଏକର ଜାଗାରେ ରହିଛି । ୧୦.୦୩ ଏକର ବିଶିଷ୍ଟ ଫାର୍ମ ହାଉସରେ ସେ ଆମ୍ବ ଓ ୟୁକାଲିପଟାସ ଗଛ ଲଗାଇଛନ୍ତି । ସେହିପରି ଅନ୍ୟଟିରେ ସେ ୟୁକାଲିପଟାସ ଗଛ ଲଗାଇଛନ୍ତି । ଏଇଇ ଶ୍ରୀ ସେଠୀଙ୍କର ସମସ୍ତ ୪୯ଟି ପ୍ଲଟ୍ କୋରାପୁଟ ଜିଲ୍ଲାରେ ରହିଛି । କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ଓ ପଟାଙ୍ଗୀ ଅଞ୍ଚଳରେ ତାଙ୍କର ଏହି ସବୁ ପ୍ଲଟ ରହିଛି । ଏଥିରୁ ୧୭ ପ୍ଲଟ୍ ହେଉଛି ବେନାମୀ । ତାଙ୍କର ଫ୍ଲାଟ, ଫାର୍ମ ହାଉସ୍ ଓ ପ୍ଲଟ୍ ?ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ମାପଚୁପ ଓ ହିସାବ କାର୍ଯ୍ୟ ଜାରି ରଖିଛି । ତାଙ୍କ ଘରୁ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ସହିତ ୯୪୦.୬୬ ଗ୍ରାମର ସୁନା ଓ ୨.୪୯୩ କେଜିର ରୁପା ଗହଣା ଜବତ କରାଯାଇଛି । ଜମା ବାବଦକୁ ସେ ୬୦ ଲକ୍ଷ ୯୨ ହଜାର ୫୪୮ ଟଙ୍କା ରଖିଛନ୍ତି । ତାଙ୍କର ଏକ ଚାରି ଚକିଆ ଗାଡ଼ି ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଅଛି । କିନ୍ତୁ ଉଭୟ ଗାଡ଼ି ବେନାମୀ ରହିଛି । ଏ ଦିଗରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି । ତାଙ୍କର ସମସ୍ତ ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୫ ଲକ୍ଷ ୫୨ ହଜାର ଟଙ୍କା ହେବ ।

# ୧୫ ହଜାର ହାତଗୁଞ୍ଜା ନେଇ ଧରାପଡ଼ିଲେ ଜିଇଡି ଜେଇ

ଗାଁରେ ରାସ୍ତାକଡ଼ ବିଜୁଳିବତୀ ସ୍ଥାପନ ପାଇଁ ଆକଳନ ପ୍ରସ୍ତୁତ କରିବା ବାବଦକୁ ଜଣେ କାର୍ଯ୍ୟନିର୍ବାହୀଙ୍କ ଠାରୁ ୧୫ହଜାର ଟଙ୍କା ହାତଗୁଞ୍ଜା ନେଉଥିବା ବେଳେ ଜଗତସିଂହପୁରଜିଲ୍ଲା ପୂର୍ତ୍ତ ବିଭାଗ ସାଧାରଣ ବିଦ୍ୟୁତ୍ ବିଭାଗ (ଜିଇଡି)ର କନିଷ୍ଠ ଯନ୍ତ୍ରୀ ସୋମା ଦାସ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ହାତରେ ରଙ୍ଗେହାତ ଧରାପଡ଼ିଛନ୍ତି । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍‌ସ) ବିଭାଗ ପକ୍ଷରୁ ଜାରି ପ୍ରେସ୍ ବିବୃତି ଅନୁସାରେ, ମଇ ୮ ତାରିଖରେ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ/ ଅଭିଯୋଗକାରୀ ଜଣକ ନିଜ ସପକ୍ଷରେ କାର୍ଯ୍ୟାଦେଶ (ୱାର୍କ ଅର୍ଡର) ପାଇବା ପାଇଁ ଆକଳନ ପ୍ରସ୍ତୁତ କରିବାକୁ ଗ୍ରାମପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଚିଠି ଜେଇ ଦାସଙ୍କୁ ପ୍ରଦାନ କରିଥିଲେ । କାର୍ଯ୍ୟନିର୍ବାହୀଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଶ୍ରୀମତୀ ଦାସ କୌଣସି କାରଣ ନଥାଇ ଆକଳନ ପ୍ରସ୍ତୁତିକୁ ପକାଇ ରଖିଥିଲେ । ଏହା ବଦଳରେ ଅଭିଯୁକ୍ତ ଜେଇ ଶ୍ରୀମତୀ ଦାସ ଉକ୍ତ କାର୍ଯ୍ୟର ସମୁଦାୟ ଆକଳନ ମୂଲ୍ୟ ୧୫ ଲକ୍ଷ ଟଙ୍କାର ୧% ହିସାବରେ କାର୍ଯ୍ୟନିର୍ବାହୀଙ୍କ ଠାରୁ ୧୫,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ । ଏନେଇ ଅଭିଯୋଗକାରୀ ଭିଜିଲାନ୍‌ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଭିଜିଲାନ୍‌ସ ବିଭାଗ କଟକ ଭିଜିଲାନ୍ସ ଥାନାରେ ୨୪/୨୦୨୬ରେ ଏକ ମାମଲା ରୁଜୁ କରିଥିଲା । ଆଜି (ଶୁକ୍ରବାର) ଅଭିଯୋଗକାରୀଙ୍କ ଠାରୁ ୧୫ହଜାର ଟଙ୍କା ହାତଗୁଞ୍ଜା ନେଉଥିବା ବେଳେ ଛପି ରହିଥିବା ଭିଜିଲାନ୍‌ସ ରଙ୍ଗେହାତ ଧରିଥିଲା । ଧରାପଡ଼ିବା ପରେ କନିଷ୍ଠ ଯନ୍ତ୍ରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଶ୍ରୀମତୀ ଦାସଙ୍କ ସହ ଜଡ଼ିତ ଦୁଇଟି ସ୍ଥାନରେ ଏକ ସମୟରେ ଚଢ଼ାଉ ଜାରି ରହିଛି ।

## ଚୂନପଥର ଅଭାବ ଓ କ୍ଲିଙ୍କର ଉତ୍ପାଦନରେ ଅଧିକ ଖର୍ଚ୍ଚ

# ବନ୍ଦ ହେବ ଏସିସି ସିମେଣ୍ଟ କାରଖାନା

**ବରଗଡ:** ବରଗଡ଼ ସହର ଉପକଣ୍ଠ ବଡ଼ଡୋଲ ସିମେଣ୍ଟନଗର ସ୍ଥିତ ଏସିସି ସିମେଣ୍ଟ କାରଖାନା ବନ୍ଦ ହେବ । ଏ ନେଇ କମ୍ପାନି କେନ୍ଦ୍ର ସରକାରଙ୍କୁ ଆଇନ୍ ଅନୁଯାୟୀ ବିଜ୍ଞପ୍ତି ପ୍ରକାଶ କରିଛି । ଆସନ୍ତା ଅଗଷ୍ଟ ୧୯ ତାରିଖରୁ କାରଖାନା ବନ୍ଦ କରାଯିବା ସଂପର୍କରେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟକୁ କମ୍ପାନି କର୍ତ୍ତୃପକ୍ଷ ଲିଖିତ ଆକାରରେ ଅବଗତ କରାଇଛନ୍ତି । ଅଗଷ୍ଟ ୧୯ରୁ କାରଖାନାରୁ ସିମେଣ୍ଟ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ସେହିପରି ଉତ୍ପାଦନ ପ୍ଲାଣ୍ଟରେ କାର୍ଯ୍ୟ କରୁଥିବା ୯୨ ଜଣ ଶ୍ରମିକ ଓ କର୍ମଚାରୀଙ୍କୁ ଚାକିରିରୁ ନିୟମ ଅନୁଯାୟୀ ଛଟେଇ କରାଯିବ ବୋଲି କୁହାଯାଇଛି । କାରଖାନା ବନ୍ଦ କରିବା ପଛର କାରଣ ସମ୍ପର୍କରେ କମ୍ପାନି ତରଫରୁ କୁହାଯାଇଛି ଯେ, ପ୍ଲାଣ୍ଟଟି ୧୯୬୮ରେ ପ୍ରତିଷ୍ଠା ହୋଇଥିଲା । ଏଣୁ ଏହି ପ୍ଲାଣ୍ଟ୍ ବହୁ ପୁରୁଣା ହୋଇ ସାରିଥିବା ବେଳେ ଠିକ୍ ଭାବେ କାର୍ଯ୍ୟ କରୁ ନାହିଁ । ସେହିପରି ଚୂନପଥରର ଅଭାବ ଓ କ୍ଲିଙ୍କର ଉତ୍ପାଦନରେ ଅଧିକ ଖର୍ଚ୍ଚ ହେଉଥିବାରୁ କାରଖାନା ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଉଲ୍ଲେଖ ରହିଛି । କମ୍ପାନିର ଏହି ନିଷ୍ପତ୍ତି ପରେ ଏବେ ବହୁ ଶ୍ରମିକ ରୋଜଗାର ହରାଇବେ । ସିମେଣ୍ଟ୍ ଫ୍ୟାକ୍ଟ୍ରିରେ ବିଭିନ୍ନ ୟୁନିଟ୍‌ରେ କାମ ମିଳୁ ନଥିବାରୁ ଠିକା ଶ୍ରମିକମାନେ ଗତ କିଛିଦିନ ତଳେ ଜିଲ୍ଲାପାଳଙ୍କ ଅଫିସ୍‌କୁ ଗୁହାରି କରିବା ପାଇଁ ଆସିଥିଲେ । ସେଠାରେ ପ୍ରାୟ ୭ଶହ ଠିକା ଶ୍ରମିକ କାମ କରୁଥିବା ବେଳେ ତାଙ୍କୁ ଆଉ କାମ ଦିଆଯିବ ନାହିଁ ବୋଲି କମ୍ପାନି ତରଫରୁ କୁହାଯାଇଥିଲା । ହଠାତ୍ ଏଭଳି ଛଟେଇର ପ୍ରତିବାଦରେ ସେମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ଆସିଥିଲେ । ପୂର୍ବରୁ ଡୁଙ୍ଗୁରିରେ ଥିବା ଚୂନ ପଥର ଖଣି ବନ୍ଦ ହୋଇ ସାରିଛି ।

## ରଥ ନିର୍ମାଣର ୬୦ ତମ ଦିବସ

# ତିନିରଥର ଚନ୍ଦ୍ରଶାଳୀ ନିର୍ମାଣ ଶେଷ



**ପୁରୀ :** ଶୁକ୍ରବାର ରଥ ନିର୍ମାଣର ୬୦ ତମ ଦିବସରେ ରଥ ନିର୍ମାଣକାରୀ ସେବକମାନେ ରଥଖଳା ଠାରେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଗୁରୁବାର ସୁଦ୍ଧା ତିନି ରଥର ଅଗ ଭୂଇଁ ବା ତୃତୀୟ ଭୂଇଁ ଉଭୟ ପାର୍ଶ୍ୱରେ କଇଞ୍ଚି ପଡ଼ି, ଅନ୍ଧାରୀ ତାଗବାଡ଼ିଆ କାର୍ଯ୍ୟ ସମ୍ପନ୍ନ ହେବା ସହ ତିନିରଥରେ ପଟା ପଡ଼ିବା କାର୍ଯ୍ୟ ଜାରୀ ରହିଥିଲା । ତିନିରଥର ମୁଖ୍ୟ ମହାରଣାଙ୍କ ଉପସ୍ଥିତିରେ ସାଥି ମହାରଣା ଏବଂ ଭୋଇ ସେବକ ମାନେ ମିଶି ତିନିରଥର ବିଭିନ୍ନ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆଗେଇ ନେଉଛନ୍ତି । ତିନିରଥର ୧୩ ପରାସ୍ତ ପୋଟଳ ମଧ୍ୟରୁ କପୁରି ସମେତ ସମସ୍ତ ପୋଟଳ ନିର୍ମାଣ ଶେଷ ହୋଇଥିବାବେଳେ ଆଜି ୬/୭ ପରାସ୍ତ ପାରାଭାଡ଼ି ନିର୍ମାଣ ଶେଷ ହୋଇଛି । ପାରାଭାଡ଼ି ରେ ଚିତ୍ରକାର ମାନେ ରଙ୍ଗ କାର୍ଯ୍ୟ ଶେଷ କଲା ପରେ ତିନିରଥ ଏକ ନମ୍ବର ପୋଟଳ ଉପରେ ସ୍ଥାପିତ ହେବ ଖପୁରୀ ସମେତ ବାକି ୧୨ ପରସ୍ତ ପୋଟଳ । ଶେଷ ହୋଇଛି ତିନିରଥର ୪ ଗୋଟି ଲେଖାଏଁ ଚନ୍ଦ୍ର ଶାଳୀର ନିର୍ମାଣ କାର୍ଯ୍ୟ । ତିନିରଥର ଦୁଆର ବେଢ଼ା ଫ୍ରେମ୍ ନିର୍ମାଣ ପୂର୍ବରୁ ଦୁଆର ବେଢ଼ାର ଅନ୍ୟ ଅଂଶ ମାନ ଯଥା ୮ ଟି ଲେଖାଏଁ ଗାରେଡ଼ି ସହ ଆଠଟି ଲେଖାଏଁ ମଗର ମୁଖ ଏବଂ ଦୁଆର ବେଢାକୁ ବାନ୍ଧେଣି ପାଇଁ ୪ ଟି ଲେଖାଏଁ ଧ୍ୱଜ ବତା ନିର୍ମାଣ ଶେଷ ହୋଇଛି ।ଏଥିସହ ତିନି ରଥର ବଡ଼ କଳସ ପେଣ୍ଡି ର ନିର୍ମାଣ ଶେଷ ହୋଇଛି ।ଏଥିସହ ତିନିରଥର ଚାରି କୋଣକୁ ଛାଡ଼ି ରଥ ବେଦୀ ଚାରି ପାର୍ଶ୍ୱ ରେ ପରୁସ ପଟା ବାଡ଼ିଆ କାର୍ଯ୍ୟ ଜାରୀ ରହିଛି ।ରୂପକାର ସେବକ ମାନେ ତିନିରଥର ୨୪ ଗୋଟି ନାଟ ଗୋଡ଼ରୁ ୧୨ ଗୋଟି ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରି ବାକି ୧୨ ଗୋଟି ନାଟ ଗୋଡରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରଖିଛନ୍ତି । ରଥ ଚକ ଗୁଡ଼ିକର ସୁରକ୍ଷା ପାଇଁ ଆରମ୍ଭ ହେଲା ଲୁହା ପ୍ଲେଟ୍ ଫିଟିଙ୍ଗ କାର୍ଯ୍ୟ । ତିନିରଥର ସମ୍ମୁଖ ଭାଗ ଚକ ଗୁଡ଼ିକର ସୁରକ୍ଷା ଦୃଷ୍ଟିରୁ ଆରମ୍ଭ ହୋଇଛି ଲୁହା ପ୍ଲେଟ୍ ଫିଟିଙ୍ଗ କାର୍ଯ୍ୟ । ଆଜି ତାଳଧ୍ୱଜ ରଥର ସମ୍ମୁଖ ଭାଗ ଚକ ଉଭୟ ପାର୍ଶ୍ୱ ପଇ, ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ୍ ମାନ ନଟ ବୋଲ୍ଟ ଦେଇ ମହାରଣା ସେବକ ମାନେ ଫିଟିଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି ।

## ସରିଲା ତିନିରଥର ବଡ଼କଳସ ପେଣ୍ଡିର ନିର୍ମାଣ
## ରଥଚକର ସୁରକ୍ଷା ପାଇଁ ଆରମ୍ଭ ହେଲା ଲୁହା ପ୍ଲେଟ୍ ଫିଟିଙ୍ଗ

ଚିତ୍ରକାର ସେବକମାନେ ତିନିରଥର ନାଟ ଗୋଡ଼ରେ ପ୍ରାଇମର୍ ଦେବା ପରେ ନାଟ ଗୋଡ଼ ଗୁଡ଼ିକରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି, ଏଥିସହ ପାର୍ଶ୍ୱ ଦେବଦେବୀ ମୂର୍ତ୍ତି ଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ହଂସ ପଟା, ଦେବ ଦେବୀ ଆସ୍ଥାନ ଫ୍ରେମ୍ ,କଳସ ,,ଓଲଟ ଶୁଆ ସହ ତିନିରଥର ବାହ୍ୟ ଅଂଶ ଗୁଡ଼ିକର ରଙ୍ଗ କାର୍ଯ୍ୟ ପୂର୍ବରୁ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନିରଥର ଦୁଆର ବେଢ଼ା ପାଇଁ ଚଉରସ ଏବଂ ଅଗ ପଟେଲୀ କଣ୍ଟା ନିର୍ମାଣ ଏଲ କ୍ଲାମ୍ପ୍, ଇଉ କ୍ଲାମ୍ପ୍ ନିର୍ମାଣ ସହ ରଥର ଜଏଣ୍ଟ ସ୍ଥାନଗୁଡ଼ିକରେ ଏଲ କ୍ଲାମ୍ପ୍ ଫିଟିଙ୍ଗ ଜାରୀ ରଖିଛନ୍ତି । ଦୋଳବେଦୀ ଠାରେ ପାହି ମହାରଣା ମାନେ ରଥଯାତ୍ରା ନିମନ୍ତେ ସେବା ପୂଜା ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରୀ ରଖିଛନ୍ତି ।

ସମ୍ପାଦକୀୟ

# ଇସ୍କନର ଅଦିନ ଯାତ୍ରା

କାହା ପକ୍ଷରେ ଇସ୍କନ? ଇସ୍କନକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା। ଦେଶରୁ ନେଇ ବିଦେଶ ପର୍ଯ୍ୟନ୍ତ ସବୁଆଡ଼େ ଚର୍ଚ୍ଚା। ଆଜି ବି ଅଧିକାଂଶ ସନ୍ଦିହାନରେ ରହିଥିବେ ଯେ କିଭଳିଆ ସଂସ୍ଥା ଏ ଇସ୍କନ! ଏହା ଏକ ଦେଶୀ ଭାରତୀୟ ସଂସ୍ଥା ନା ବିଦେଶୀ ସଂସ୍ଥା। ହେଲେ ସଂସ୍ଥାର ରୀତିନୀତି ଏବଂ ହାବଭାବ ଦେଖି ଯାହା ଅନୁମାନ କରାଯାଉଛି ଯେ ଇସ୍କନ କହୁଏତ ବିଦେଶୀ ସଂସ୍ଥା। ତେବେ ତଥ୍ୟ ଯାହା କହୁଛି ଯେ ବିଦେଶ ମାଟିରେ ହିଁ ଆରମ୍ଭ ହେଇଥିଲା ଇସ୍କନ। ଆମେରିକାର ନ୍ୟୁୟର୍କ ସିଟିରେ ୧୯୬୬ ମସିହାରେ ଜୁଲାଇ ମାସରେ ଆରମ୍ଭ ହୋଇଥିଲା ଇଣ୍ଟରନ୍ୟାସନାଲ୍ ସୋସାଇଟି ଫର୍ କ୍ରିଷ୍ଣା କନସିଅସ୍‌ନେସ୍-ଇସ୍‌କନ ଯାହାର ପ୍ରତିଷ୍ଠାତା ଥିଲେ ଏ ସି ଭକ୍ତିବେଦାନ୍ତ। ୧୮୯୬ ମସିହାରେ ଭାରତରେ ଜନ୍ମିତ, କୋଲକାତା ସହରରେ ଜନ୍ମଲାଭ କରିଥିବା ଅରୁଣ ଚରଣ ଦେ ପରବର୍ତ୍ତି ସମୟରେ ଭକ୍ତିବେଦାନ୍ତ ସ୍ୱାମୀ ନାମରେ ସାରା ବିଶ୍ୱରେ ବେଶ୍ ପ୍ରସିଦ୍ଧି ଅର୍ଜ୍ଜନ କରିଥିଲେ। ଏଣୁ ଇସ୍କନ୍ ହେଉଛି ଭାରତୀୟ ସଂସ୍ଥା ବୋଲି କହିପାରୁ। ଯଦିଓ ସଂସ୍ଥାର ଆରମ୍ଭ ଆମେରିକା ମାଟିରେ ହୋଇଥିଲା, ତଥାପି ଆମେ ଇସ୍କନକୁ ଭାରତୀୟ ସଂସ୍ଥା ବୋଲି କହିପାରୁ! କାରଣ ସଂସ୍ଥାର ପ୍ରତିଷ୍ଠାତା ତ ହେଉଛନ୍ତି ଭାରତୀୟ। ତାଙ୍କର ଚିନ୍ତାଧାରା ଅବା ବିଚାରଧାରା ମଧ୍ୟ ଭାରତୀୟ। ଏ ସବୁ ସତ୍ତ୍ୱେ ଆମେ ଇସ୍କନକୁ କେବେ ବି ଭାରତୀୟ ସଂସ୍ଥାର ମାନ୍ୟତା ଦେଇନପାରୁ। କାରଣ ଇସ୍କନର ପ୍ରତିଷ୍ଠାତା ଭାରତୀୟ ହୋଇ ବି ପରବର୍ତ୍ତୀ କାଳରେ କିନ୍ତୁ ତାଙ୍କର ବିଚାରଧାରାରେ କିନ୍ତୁ ପରିବର୍ତ୍ତନ ହୋଇଗଲା। କୃଷ୍ଣଙ୍କୁ ମୁଖ୍ୟ ନାୟକ ଭାବେ ଉପସ୍ଥାପନ କରାଯାଇ, କୃଷ୍ଣଙ୍କୁ ମୁଖ୍ୟ ନାୟକ ଭାବେ ଚିତ୍ରଣ କରାଯଇ ୧୯୬୬ ଜୁଲାଇ ମାସରେ ଆରମ୍ଭ କରାଯଇଥିଲା ଇସ୍କନ। ଯେଉଁ ସଂସ୍ଥାର ମୁଖ୍ୟ ଆଦର୍ଶ ହେଉଛନ୍ତି କୃଷ୍ଣ। ମୁଖ୍ୟ ନାୟକ ହେଉଛନ୍ତି କୃଷ୍ଣ। ତେବେ ଇସ୍କନ ପକ୍ଷରୁ ଯେଉଁ ରଥଯାତ୍ରାର ଆୟୋଜନ କରାଯାଏ, ସେଥିରେ କିନ୍ତୁ ମୁଖ୍ୟ ନାୟକ ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। କାରଣ ଇସ୍କନ ମତରେ ପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି କୃଷ୍ଣଙ୍କର ଭିନ୍ନ ରୂପ। ଏଣୁ ଇସ୍କନ ପକ୍ଷରୁ ପ୍ରତିବର୍ଷ ବିଶ୍ୱର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଉଥିବା ରଥଯାତ୍ରାରେ ବିରାଜମାନ ହୁଅନ୍ତି ପ୍ରଭୁ ଶ୍ରୀଜଗନ୍ନାଥ। ଇସ୍କନର ଏହା ହେଉଛି ବାସ୍ତବରେ ଏକ ମହତ୍ ଯୋଜନା। ହେଲେ ଯେଉଁଥିପାଇଁ ଇସ୍କନକୁ ନେଇ ସାରା ଭାରତରେ ଏବେ ଚର୍ଚ୍ଚା ଏବଂ ପରିଚର୍ଚ୍ଚା ଲାଗି ରହିଛି, ତାହା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଯହା ପଛରେ କାରଣ ହେଉଛି କୃଷ୍ଣ ପକ୍ଷରେ ହେଉଛି ! ଏଥିରେ କେହି ବି ବିସ୍ମିତ ହୋଇପାରେ। କୃଷ୍ଣ ତ ହେଉଛନ୍ତି ଇସ୍କନର ଆଦର୍ଶ। କୃଷ୍ଣ ତ ହେଉଛନ୍ତି ଇସ୍କନର ମୁଖ୍ୟ ନାୟକ। ଏଣୁ ସମସ୍ୟା କେଉଁଠି? ସମସ୍ୟା ହେଉଛି ଅଦିନିଆ ରଥଯାତ୍ରା ପାଇଁ, ସମସ୍ୟା ହେଉଛି ଅ-ତିଥି ରଥଯାତ୍ରା ପାଇଁ ଯାହାକି ଇସ୍କନ ଏବେ ଆୟୋଜନ କରୁଛି ଦେଶ ବିଦେଶରେ। ଆମେ ଜାଣି ରଖିବା ଉଚିତ ଯେ ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସମୟ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଆୟୋଜନ ହୋଇଥାଏ ରଥଯାତ୍ରା। ଯାହା କାହାର ବ୍ୟକ୍ତିଗତ ଇଚ୍ଛା ନୁହେଁ କି କୌଣସି ସଙ୍ଗଠନର ସାଙ୍ଗଠନିକ ନିର୍ଦ୍ଦେଶ ନୁହେଁ। ତାହା ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ବିଧିସମ୍ମତ, ଯାହା ସମ୍ପୂର୍ଣ ପାରମ୍ପରିକ ବିଧିସମ୍ମତ। ଯାହକୁ ମନଇଚ୍ଛା ପାଳନ କରାଯାଇପାରିବ ନାହିଁ। କେହି ବି ସେପରି ଯାତ୍ରାର ଆୟୋଜନ କରିବା ସମ୍ପୂର୍ଣ୍ଣ ଭୁଲ୍ ହୋଇପାରେ। ଯାହା କି ଲକ୍ଷ ଲକ୍ଷ ଓଡ଼ିଆପ୍ରେମୀଙ୍କ୍ ମନରେ ଅସନ୍ତୋଷ ଭରି ଦେଇପାରେ। କେବଳ ଓଡ଼ିଆ କାହିଁକି, କୋଟ କୋଟି କୋଟି ଭାରତୀୟମାନଙ୍କ ମନରେ ମଧ୍ୟ ଅସନ୍ତୋଷ ଭରିଦେଇପାରେ। ଯାହା କି ପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରା ନିୟମର ସମ୍ପୂର୍ଣ୍ଣ ଉଲ୍ଲଂଘନ। ହେଲେ ବୋଲ ମାନୁନି ଇସ୍କନ। ନିୟମ ମାନୁନି ଇସ୍କନ। ଅଦିନରେ କରୁଛି ଇସ୍କନ, ଅ-ତିଥିରେ କରୁଛି ରଥଯାତ୍ରା। ଇସ୍କନର ଏହି ଅଦିନ ରଥଯାତ୍ରା ପରମ୍ପରା ଆରମ୍ଭ ହେଇଥିଲା ୧୯୬୭ ଜୁଲାଇ ୯ ତାରିଖରେ ମସିହା ଜୁଲାଇ ମାସରେ ସାନ୍ ଫ୍ରାନସିସ୍ କୋ, କାଲିଫର୍ଣ୍ଣିଆ, ଆମେରିକାରେ। ବାସ୍, ସେବେଠାରୁ ପ୍ରତିବର୍ଷ ବିଦେଶରେ କେବେ ଆମେରିକାରେ ତ କେବେ ୟୁରୋପରେ ତ କେବେ ଅଷ୍ଟ୍ରେଲିଆରେ ଅଦିନରେ, ଅତିଥିରେ ରଥଯାତ୍ରାର ଆୟୋଜନ କରିଆସୁଛି ଇସ୍କନ। ଯାହାକୁ ନେଇ ଗଜପତି ଏବଂ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ୍ ପକ୍ଷରୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଜରିଆରେ ବାରମ୍ବାର ନୋଟିସ୍ ଜାରି କରାଗଲା ପରେ ବି ଇସ୍କନ କିନ୍ତୁ ତା'ର ଅଦିନିଆ ଯାତ୍ରା ନୀତିରେ କିଛି ବି କରୁନାହିଁ ପରିବର୍ତ୍ତନ। ଆଗାମୀ ସମୟରେ କେନ୍ଦ୍ର ସରକାର ଏ ଦିଗରେ ଇସ୍କନକୁ ସଠିକ୍ ଏବଂ ସଶକ୍ତ ନିର୍ଦ୍ଦେଶନାମା ଜାରି କରିବା ଦରକାର।

# ବାଘର ବଡ଼ପଣ

ପଢ଼ିଆରେ ବୁଲୁ ବୁଲୁ କେତେବେଳେ ଯେ ସେ ତା'ର ଅଜାଣତରେ ଜଙ୍ଗଲର ଟିକିଏ ଭିତରକୁ ପଶିଯାଇଥିଲା, ସେ ନିଜେ ବି ସେମିତି କିଛି ଜାଣିପାରିନି। ନନ୍ଦୁ ଭଲରେ ଯେମିତି ଯାଏ, ପୁଣି ଭଲରେ ସେମିତି ଫେରିଆସେ ତା'ର ଘରକୁ। ସବୁ ତ ଠିକ୍ ଠାକ୍ ଚାଲେ। ହେଲେ ଦିନେ କିନ୍ତୁ ଗୋଟାଏ ଭୁଲ୍ ହୋଇଗଲା। ଜଙ୍ଗଲର ବେଶି ଭିତରକୁ ପଶିଯିବା ଦ୍ୱାରା ତା'ର ହଠାତ୍ ଜଙ୍ଗଲୀ ଜୀବ ସହିତ ସହିତ ତା'ର ସାମ୍ନା ହୋଇଗଲା। କ'ଣ କରିବ ଏବଂ ନ କରିବ, କିଛି ବି ବୁଝିପାରିଲାନି ସେ। ଭାବିଲା ଆଜି ଜୀବନ ଗଲା। ବାଘ ବି ଏବେ ତାକୁ ଖାଇବା ପାଇଁ ଆଗେଇ ଆସିଲା। ନନ୍ଦୁ ଅତି ଭୟଭୀତ ହୋଇ ବାଘ ଆଗରେ କାକୁତି ମିନତି ହୋଇ ନେହୁରା ହୋଇ କହିଲା, ମୋତେ ଦୟାକରି ଛାଡ଼ିଦିଅ। ମୁ ଘରକୁ ଫେରିଯିବି। ହେଲେ ବାଘ କିନ୍ତୁ ଶୁଣିବାକୁ ନାରାଜ୍। ଏଣୁ ତା' ପାଖରେ ନନ୍ଦା ତା'ର ଛୋଟ ଛୁଆକୁ କ୍ଷୀର ଦେବା କଥା କହି ନେହୁରା ହେବା ପରେ ସିଂହର ମନ ବି ଟିକେ ତରଳିଗଲା। ସେ ଅନ୍ତତଃ କିଛି ସମୟ ପାଇଁ ନନ୍ଦା କଥାରେ ରାଜି ହୋଇ ତାକୁ ଛାଡ଼ିଦେଲା ତା'ର ବାଟରେ କିନ୍ତୁ ଗୋଟାଏ ସର୍ତ୍ତରେ। ନନ୍ଦୁ ତା'ର ଛେଳି ଛୁଆକୁ କ୍ଷୀରପିଆଇ ପୁଣି ଥରେ ଫେରି ଆସିବ ତା'ର ପାଖକୁ। ନନ୍ଦୁ ବି ଅତି ସହଜରେ ରାଜି ହୋଇଗଲା ରାଜା କଥାରେ କିନ୍ତୁ ସେ ବି ତାକୁ ଗଲାବେଳେ ତାଗିଦ କରି କହିଲା ଯେ ସେ ତା'ର ଛୁଆକୁ କ୍ଷୀର ପିଆଇ ତୁରନ୍ତ ତା' ପାଖକୁ ଫେରି ଆସିବ ନଚେତ ସେ ଉଭୟ ମା' ଛୁଆଙ୍କୁ ମାରିଦେବ। ନନ୍ଦା ତା' କଥାରେ ହିଁ ଭରି ତୁରନ୍ତ ଦୌଡ଼ି ପଳାଇଲା ସେଠାରୁ। କିଛି ସମୟ ଭିତରେ ସେ ତା'ର ଛୁଆ ପାଖରେ ପହଞ୍ଚି ତା'ର ଛୁଆକୁ କ୍ଷୀର ପିଆଇବା ବେଳେ ତାକୁ ଭଲକରି କ୍ଷୀର ପିଇବା ପାଇଁ କହିଲା। ମା' କହିଲା କି ଭଲକରି କ୍ଷୀର ପିଇଦେ। ପେଟ ପୂରାଇ କ୍ଷୀର ପିଇଦେ। ଆଜି ତୋ'ର ଶେଷଦିନ। ହୁଏତ୍ ତୋ' ସହିତ ମୋ'ର ଏଇଟା ଶେଷ ଦେଖା ହୋଇପାରେ କାରଣ ଏବେ ମୁ ଯେଉଁଠାକୁ ଯାଉଛି, ସେଠାରୁ ଆଉ ମୁ ଫେରି ନପାରେ। ମା' ତାକୁ ଜଙ୍ଗଲର ସେହି ବାଘ ମାମୁଁ କଥା କହି ମନ ଦୁଃଖରେ ସେଠାରୁ ଫେରିବା ସମୟରେ ତା'ର ଛୁଆ ବି ତା'ର ସହିତ ଯିବା ପାଇଁ ଜିଦ୍ କରି ମା' ସହିତ ଗଲା। ଉଭୟ ମା' ଛୁଆ ଯାଇ ପହଞ୍ଚିଲେ ବାଘ ପାଖରେ। ବାଘତ ପ୍ରଥମେ ନିଜକୁ ବିଶ୍ୱାସ କରିପାରିଲା ନାହିଁ। ପରେ ନନ୍ଦୁର ବଚନବଦ୍ଧତାରେ ସନ୍ତୁଷ୍ଟ ହୋଇ ବାଘ ରାଜା ନନ୍ଦୁ ଉପରେ ସନ୍ତୁଷ୍ଟ ହୋଇ ତାକୁ ଛାଡ଼ିଦେଲା। ଉଭୟ ମା' ଛୁଆ ଖୁସି ମନରେ ତାଙ୍କ ଘରକୁ ଫେରି ଆସିଲେ ଏବଂ ପରେ ଘରେ ପହଞ୍ଚିସେମାନେ ବାଘ ରାଜାର ପ୍ରଶଂସା କଲେ। ଯେଉଁଥିରୁ ପ୍ରମାଣିତ ହେଲା ଯେ ବାଘ ମାମୁଁ ହେଉଛି ବିବେକୀ। ତେବେ ବାଘ ଭଳି ହିଂସ୍ର ଜନ୍ତୁ ପୁଣି ଛେଳି ଭଳି ତା'ର ଗୋଟାଏ ଆହାରକୁ ମୁହଁରୁ ଫେରାଇଦେବା ସତରେ ଅତି ବିସ୍ମୟର ବିଷୟ।

# ଖିଲାଫତ ପରମ୍ପରା ଏବଂ ବିଶ୍ୱଶାନ୍ତି



ମୌଲାନା ଫଜଲ ହକ ଖାନ୍



ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଏକ ଚିରନ୍ତନ ସତ୍ୟ ଦୃଷ୍ଟିଗୋଚର ହୋଇଥାଏ ଯେ ଯେତେବେଳେ ଧର୍ମର ଗ୍ଳାନି ଘଟି ଅଧର୍ମ ତା'ର ଚରମ ସୀମାକୁ ପହଂଚି ଯାଏ। ଠିକ ସେହି ଅନ୍ଧକାର ସମୟରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହ ସଂସାରରେ ଅବତାର ଅବତୀର୍ଣ୍ଣ କରିଥାନ୍ତି। ଯେପରି ଗୀତାରେ ଲେଖାଅଛି,

ଯଦା ଯଦା ହି ଧର୍ମସ୍ୟ, ଗ୍ଳାନିର୍ଭବତି ଭାରତ।

ଅଭ୍ୟୁତ୍‌ଥାନମ୍ ଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହମ୍ ।।

ପରିତ୍ରାଣାୟ ସାଧୂନାଂ, ବିନାଶାୟ ଚ ଦୁଷ୍କୃତମ୍।

ଧର୍ମ ସଂସ୍ଥାପନାର୍ଥାୟ, ସମ୍ଭବାମି ଯୁଗେ ଯୁଗେ ।।

ଯାହାଙ୍କ ଦ୍ୱାରା ସେ ନିଜ ସୃଷ୍ଟିକୁ ନିଜ ଆଡ଼କୁ ଟାଣି ଆଣି ନିଜର ପ୍ରକୃତ ରୂପ ଦେଖାଇ ଘୋର ଅନ୍ଧକାରକୁ ଆଲୋକରେ ପରିବର୍ତନ କରି ଦେଇଥାନ୍ତି। ସେହି ଅବତାରମାନେ ପରମେଶ୍ୱରଙ୍କ ନିଜସ୍ୱ ରୂପ ଧାରଣ କରି ଓ ଆଧାତ୍ମିକ ଅମୃତରେ ଅମିୟ ହୋଇ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହଙ୍କ ଭକ୍ତଗଣଙ୍କୁ ସତ୍ ମାର୍ଗ ଦେଖାଇଥାନ୍ତି। ଏବଂ ଅନ୍ୟ ପକ୍ଷରେ ଦୁଷ୍ଟ ମାନଙ୍କୁ ଦମନ କରିବା ସହ ଆଧାତ୍ମିକ ଦୃଷ୍ଟି କୋଣରୁ ଆକ୍ରାନ୍ତ ଥିବା ରୋଗୀ ମାନଙ୍କର ଉତମ ଚିକିତ୍ସା ମଧ୍ୟ କରିଥାନ୍ତି।

ଇସଲାମ ଧର୍ମ ଆଦି ଧର୍ମ ଏବଂ ସଂପୂର୍ଣ୍ଣ ଧର୍ମ। ପବିତ୍ର କୋରାନରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହ କୁହନ୍ତି; ''ଆଜି ଆମେ ତୁମ୍ଭମାନଙ୍କ କଲ୍ୟାଣ ସକାଶେ ତୁମ୍ଭମାନଙ୍କ ଧର୍ମକୁ ପୂର୍ଣ୍ଣତା ପ୍ରଦାନ କଲୁ। ଏବଂ ତୁମ୍ଭମାନଙ୍କ ପ୍ରତି ଆମ୍ଭର ଅନୁଗ୍ରହକୁ ସଂପୂର୍ଣ୍ଣ କରିଛୁ। ଏବଂ ତୁମ୍ଭମାନଙ୍କ ସକାଶେ 'ଇସଲାମ'କୁ ଧର୍ମ ରୂପରେ ପସନ୍ଦ କରିଛୁ।''

ତେଣୁ ସେହି ଇସଲାମ ଧର୍ମ ଯାହା ବିଶ୍ୱ ବ୍ରହ୍ମାଣ୍ଡରେ ଅଦ୍ୱିତୀୟ ସେହି ପବିତ୍ର ଧର୍ମରେ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହ ନିଜର ସର୍ବଶ୍ରେଷ୍ଠ ଅବତାର ହଜରତ ମୁହମ୍ମଦ ସଲ୍ଲମଙ୍କୁ ଅବତୀର୍ଣ୍ଣ କରି ତାଙ୍କ ଦ୍ୱାରା ଧର୍ମବାଣୀର ଉପଦେଶକୁ ସଂପୂର୍ଣ୍ଣ କଲେ। କିନ୍ତୁ ଇସଲାମ ଧର୍ମରେ ସେହି ଧର୍ମ ଉପଦେଶଗୁଡ଼ିକୁ ବିଶ୍ୱବ୍ୟାପି କରିବା ପାଇଁ ତଥା ତାକୁ ପୂର୍ଣ୍ଣ ପ୍ରକାଶ ଓ ପ୍ରଚାର କରିବା ପାଇଁ ବର୍ତମାନର ଯୁଗ ଅର୍ଥାତ୍ କଳି ଯୁଗକୁ ଧାର୍ଯ୍ୟ କଲେ। ଏହି କଳି ଯୁଗରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ଅନୁରୂପ ତଥା ଦାସାନୁଦାସ ମୋହନ ମୋଗଲ ହଜରତ ମିର୍ଜା ଗୁଲାମ ଅହମଦଙ୍କ ସୁସମ୍ବାଦ ଜଣାଇ ପବିତ୍ର କୋରାନବାଣୀରେ କହିଲେ; ''ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି।''ଏହି ମହାନ ଯୁଗାବତାରଙ୍କ ସମ୍ବନ୍ଧରେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କହିଥିଲେ ଯେ ଯଦି ଧର୍ମବିଶ୍ୱାସ ସପ୍ତର୍ଷିମଣ୍ଡଳ ପର୍ଯ୍ୟନ୍ତ ମଧ୍ୟ ଆରୋହଣ କରିଯିବ ତେବେ ଇରାନୀୟ ବଂଶଜଙ୍କ ମଧ୍ୟରୁ ଜଣେ ବା ତା ଠାରୁ ଅଧିକ ବ୍ୟକ୍ତିଙ୍କ ମାଧ୍ୟମରେ ସେହି ଧର୍ମ ବିଶ୍ୱାସକୁ ଫେରାଇ ଆଣିବେ। ଏହି କଥାରେ ଦୁଇଗୋଟି ଭବିଷ୍ୟବାଣୀ ରହିଛି। ପ୍ରଥମଟି ହେଲା ଯେତେବେଳେ ଇସଲାମ ଧର୍ମର ଗ୍ଳାନି ଘଟିବ, ଧର୍ମବିଶ୍ୱାସରେ ଦୁର୍ବଳତା ପରିଲିକ୍ଷିତ ହେବ,ତେବେ ସେହି ସମୟରେ ଯୁଗାବତାର ଆସି ପୁନଃ ଧର୍ମସ୍ଥାପନା କରିବେ। ତଥା ସେହି ଯୁଗାବତାରଙ୍କ ମରଣାନ୍ତେ ସେହି ଧର୍ମ ସ୍ଥାପନାର ମହତ କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ଲାଗି ଦ୍ୱିତୀୟ ଶକ୍ତି ରୂପେ ଖଲିଫାଙ୍କ ସମୟ କାଳ ଉପନିତ ହେବ। 'ଖଲିଫା'ଶବ୍ଦର ଅର୍ଥ ହେଲା, ଉତରାଧିକାରୀ। ଅବତାରଙ୍କ ମରଣାନ୍ତେ ତାଙ୍କ କାର୍ଯ୍ୟଭାରକୁ ତଥା ସେହି ମିଶନକୁ ସଂପୂର୍ଣ୍ଣ କରିବା ପାଇଁ ଯେଉଁ ବ୍ୟବସ୍ଥା ସ୍ଥାପିତ କରାଯାଏ ତାକୁ ଖିଲାଫତ୍ ବ୍ୟବସ୍ଥା କୁହାଯାଏ। ଯେପରି ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ମରଣାନ୍ତେ ହଜରତ ଅବୁବକର ସିଦ୍ଦିକ,ହଜରତ ଉମର ଫାରୁକ,ହଜରତ ଉସମାନ ଗନୀ ଏବଂ ହଜରତ ଅଲିଙ୍କ ଖିଲାଫତ୍ ବ୍ୟବସ୍ଥା ଚାଲିଥିଲା। ଠିକ ସେହି ପରି ଭବିଷ୍ୟତବାଣୀ ଅନୁଯାୟୀ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମଙ୍କ ୧୩୦୦ ବର୍ଷ ପରେ ଯେତେବେଳେ ଇସଲାମ ନାମକୁ ମାତ୍ର ରହିଯିବ, ତାର ପୁନର୍ଉତ୍‌ଥାନ ନିମନ୍ତେ ଯୁଗବତାର ଆସିବେ ଏବଂ ତାଙ୍କ ପରେ ପୁନର୍ବାର ଖିଲାଫତ ବ୍ୟବସ୍ଥା ସ୍ଥାପିତ ହେବ। ଏହି ପରିପ୍ରେକ୍ଷୀରେ ଅହମଦୀୟା ମୁସଲିମ ଜମାତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ବିୟୋଗ ପରେ ଅହମଦୀୟା ଆନ୍ଦୋଳନରେ ପ୍ରଥମେ ହଜରତ ମୌଲବି ହକିମ ନୁରୁଦ୍ଦିନ ସାହେବ,ଦ୍ୱିତୀୟରେ ହଜରତ ମିର୍ଜା ବଶିରୁଦ୍ଦିନ ମହମୁଦ ଅହମଦ ସାହେବ,ତୃତୀୟରେ ହଜରତ ହାଫିଜ ମିର୍ଜା ନାସର ଅହମଦ ସାହେବ,ଚତୁର୍ଥରେ ହଜରତ ମିର୍ଜା ତାହେର ଅହମଦ ସାହେବ ଏବଂ ବର୍ତମାନ ହଜରତ ମିର୍ଜା ମସରୁର ଅହମଦ ସାହେବ ସମ୍ପ୍ରତି ଲଣ୍ଡନରେ ଖିଲାଫତ ଆସନରେ ଅଧିଷ୍ଠିତ ହୋଇଛନ୍ତି। ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହଙ୍କର ଏହି



ଦ୍ୱିତୀୟ ଶକ୍ତି ଖିଲାଫତ୍‌ର ବ୍ୟବସ୍ଥା ଦ୍ୱାରା ବିଶ୍ୱରେ ଧର୍ମ ଓ ଶାନ୍ତି ସ୍ଥାପିତ ହୋଇଚାଲିଛି।

ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହ ସ୍ୱୟଂ ଜଣେ ବ୍ୟକ୍ତି ବିଶେଷକୁ ଯେକି ସତ୍ୟବାଦୀ ଏବଂ ଧର୍ମପରାୟଣ ହୋଇଥାଏକୁ ଖଲିଫା ନିର୍ବାଚିତ କରିଥାନ୍ତି। ଯେପରି ପବିତ୍ର କୋରାନ କୁହେ; ''ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ ରଖନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ପରମବ୍ରହ୍ମ ପରମେଶ୍ୱର ଅଲ୍ଲାହ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା (ଉତରାଧିକାରୀ) କରିବେ ଯେପରି ସେ ସେମାନଙ୍କୁ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ।''

ସୁତରାଂ ବର୍ତମାନ ଅହମଦୀୟା ମୁସଲିମ ସଂପ୍ରଦାୟରେ ଖିଲାଫତର ପରମ୍ପରା ପ୍ରଚଳିତ ରହିଛି। ତଥା ହଜରତ ମିର୍ଜା ମସରୁର ଅହମଦ ମୁସଲିମ ସଂପ୍ରଦାୟର ପଂଚମ ଖଲିଫା ରୂପେ କାର୍ଯ୍ୟଭାର ସମ୍ପାଦନ କରି ଚାଲିଛନ୍ତି। ସେ ପାକିସ୍ତାନର ରବୁଆରେ ୧୫ ସେପ୍ଟେମ୍ବର ୧୯୫୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ୧୯୭୭ ମସିହାରେ ପାକିସ୍ତାନର ଫୈସିଲାବାଦ ସ୍ଥିତ କୃଷି ବିଶ୍ୱ ବିଦ୍ୟାଳୟରୁ କୃଷି ଅର୍ଥନୀତିରେ ସ୍ନାତକୋତ୍ତର ଡ଼ିଗ୍ରୀ ହାସଲ କରିଥିଲେ। ୧୯୭୭ ମସିହାରୁ ସେ ନିଜ ଜୀବନକୁ ମାନବସେବା ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ବଳିଷ୍ଠ ନେତୃତ୍ୱରେ ଅହମଦୀୟା ମୁସଲିମ ସଂପ୍ରଦାୟ ପୃଥିବୀର ୨୧୪ ଗୋଟି ରାଷ୍ଟ୍ରରେ ବହୁ ସଂଖ୍ୟାରେ ଦାତବ୍ୟ ଅନୁଷ୍ଠାନ, ଚିକିତ୍ସାଳୟ, ଉପାସନାଗୃହ ନିର୍ମାଣ, ବିଦ୍ୟୁତ ଓ ଜଳ ଯୋଗାଣ ତଥା ଦିନଦରିଦ୍ରଙ୍କୁ ସାହାଯ୍ୟ ଓ ସମର୍ଥନ କରିଆସୁଛି। ଶିକ୍ଷା ଓ ପ୍ରଶିକ୍ଷଣର ଯୋଜନାମାନ କରିଛାଲିନ୍ତି। ସେ ପ୍ରକୃତ ଇସଲାମର ସାରଗର୍ଭ ତତ୍ୱକୁ ୟୁରୋପ ଓ ଆମେରିକାର ତଥା ବିଭିନ୍ନ ରାଷ୍ଟ୍ରର ସାଂସଦ ଭବନରେ ବିଶ୍ୱ ଶାନ୍ତିସଭା ସ୍ଥାପିତ କରି ପ୍ରକୃତ ଇସଲାମର ମର୍ମସ୍ପର୍ଶୀ ଭାଷଣ ମାଧ୍ୟମରେ ବିଶ୍ୱବ୍ୟାପି ଅଭିଯାନ ଆରମ୍ଭ କରିଛନ୍ତି। ଯଦ୍ୱାରା ଇସଲାମର ଶାନ୍ତି ଓ ସହାବସାନ ବାର୍ତାକୁ ସମାଜର ବିଭିନ୍ନ ବର୍ଗରେ ଲୋକଙ୍କ ମଧ୍ୟରେ ପରିବେଶଣ କରୁଛନ୍ତି। ତଥା ବିଶ୍ୱର ପ୍ରମୁଖ ରାଷ୍ଟ୍ରମୁଖ୍ୟ ଏବଂ ଧର୍ମଗୁରୁମାନଙ୍କୁ ପତ୍ର ମାଧ୍ୟମରେ ଶାନ୍ତି ପ୍ରତି ଆହ୍ୱାନ ଜଣାଇ ନ୍ୟାୟ ପ୍ରତିଷ୍ଠା କ୍ଷେତ୍ରରେ ସେମାନଙ୍କ ଦାୟିତ୍ୱବୋଧ ପ୍ରତି ସଚେତନ କରାଉଛନ୍ତି। ଆଜି ବିଶ୍ୱସମାଜରେ ଅହମଦୀୟା ମୁସଲିମ ସଂପ୍ରଦାୟ ଖିଲାଫତର ସୁବ୍ୟବସ୍ଥା ମାଧ୍ୟମରେ ଏକତା, ଅଖଣ୍ଡତା, ଭାଇଚାରା, ସ୍ନେହ, ସହାନୁଭୂତି, ମାନବସେବା, ବିଶ୍ୱ ଶାନ୍ତି କ୍ଷେତ୍ରରେ ବଳିଷ୍ଠ ପ୍ରୟାସ କରିଚାଲିଛି। ଆସନ୍ତୁ ଆମେ ସଭିଏଁ ଏକ ମନ ଏକ ପ୍ରାଣ ହୋଇ ଖିଲାଫତ୍‌ର ହାତକୁ ସୁଦୃଢ଼ କରିବା ଏବଂ ସର୍ବେ ଭବନ୍ତୁ ସୁଖିନର ପ୍ରେମଭରା ସଂଦେଶ ସାରା ବିଶ୍ୱରେ ପ୍ରସାର କରିବା।

ମଙ୍ଗଳାବାଗ-
କଟକ
୯୬୯୨୨୨୫୦୫୭

# ଆମେ ଦେଶୀ ନା ବିଦେଶୀ



ଆର୍ତ୍ତତ୍ରାଣ ଦାସ

ଆଜି ଯହିଁ ନାହେଁ ଶୁଣ ସେ ପୁଣି କାହାଙ୍କଠୁଁ? ସମାଜର ଆଗଧାଡିର ଯେଉଁମାନଙ୍କ ପାଖରେ କିଛି, ଥାଉ ନଥାଉ ଜମିବାଡି ଘରଦ୍ୱାର ଗାଡି ଘୋଡା ବ୍ୟାଙ୍କ ବାଲାନ୍ସ ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ସ୍ୱଚ୍ଛଳ ଏବଂ ଆରାମ ଅୟେସରେ ଯାହାଙ୍କ ଦିନ ବିତୁଛି। ସେମାନଙ୍କର ପ୍ରତିପତି ଅଛି ତେଣୁ ତ ସିଧାକଥା। ଭାଷଣବାଜିରେ ନିଶ୍ଚୟ ପାରଙ୍ଗମ -ଧୁରନ୍ଧର ପାଟିରେ ବାଟୁଳି ବାଜୁ ନଥିବ। ଯେହେତୁ ଗାଉଁଲି ମଳିମୁଣ୍ଡିଆ ପଛୁଆବର୍ଗର କେବଳ ଏଇୟା ଯେ ସେମାନଙ୍କ ପେଟପାଟଣା। ଠିକ୍ ଭାବେ ନେଇଆଣି ଥୋଇ ପାରୁନାହାଁନ୍ତି, ଆଉ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ଆସିବ ବା କାହୁଁ? ସଂସ୍କାର ରୀତିରେ ସେଇମାନେ ହିଁ ଏଇ ଯେଉଁ ତୁଚ୍ଛା ବୃଥା ଅସ୍ମିତା ସମ୍ବନ୍ଧେ ଗଳା ଫଟା ଭାଷଣ ରଖୁଛନ୍ତି, କଥା ନ ଶୁଣିଲେ ଶୁଣିବ କିଏ? ଧନରତ୍ନ, ଅଭାବ ନାହିଁ ସେମାନେ ଯେତେବେଳେ ଯାହା ମନେ କରିବେ ତାହାହିଁ କରିବେ କିନ୍ତୁ ବଚନରେ ଯାହା କହୁଥିବେ କାମରେ ନଥିବ ଓ କାମରେ ଯାହାଥିବ ତାଙ୍କୁ ବା କହିବ କିଏ ଯେ କାମ ବଚନ ଅଲଗା ଅଲଗା ବୋଲି। ବଡଘରିଆ ଲୋକମାନେ ଆଗଆଗ ମା ସମ୍ବୋଧନରୁ ମମି-ମାମା-ଡାକଟା ବଡଲୋକିଆ ଚିହ୍ନ। ଆଗରୁ କୋଉ ଗାଁରେ କିଏ ସେ ଦିନ ମଜୁରିଆ ମୂଲିଆ ଘରର ପିଲାମାନେ ମା ନ ଡାକି ବୋଉ ଡାକୁଥିଲେ କି? ତା ପରେ ପରେ ସେମାନେ ମମି-ମାମା ଡାକି ଏମାନଙ୍କୁ ବୋଉ ଡାକଟା ଧରେଇ ଦେଇଛନ୍ତି। ଚଳଣି ସଂସ୍କାର ସଂସ୍କୃତି କ'ଣ ଚିରସ୍ଥାୟୀ ହୋଇ ରହିବ। ନା କଣ? ସମାଜର ଶିକ୍ଷିତ ଲୋକମାନେ ଯେଉଁ ବାଟରେ ଗଲେ ଠିକ୍ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ତଳ ଶ୍ରେଣୀର ଲୋକତ ବାଧ୍ୟ। ତେଣୁ ସେମାନେ ପଛୁଆ ବର୍ଗର। ଖାଦ୍ୟପାନୀୟ ବସନ ଆଭୂଷଣରେ ମଧ୍ୟ ଠିକ୍ ଏଇଆ ବଡଲୋକ ବଡଆଶାରେ ଅଧିକ ପାଇଁ ଦେଶୀ ଗାଈ ମଇଁଷି ପାଳିବା ପରିବର୍ତ୍ତେ ଜର୍ସି ଶଙ୍କର ଜାତୀୟ ପାଳି ଅଧିକରୁ ଅଧିକ ଲାଭବାନ ହେବାର ଦେଖି ପଛୁଆ ଶ୍ରେଣୀର ଲୋକ ଆଉ କରିବେ ବା କଣ? ଜୈବ ସାର ଖତ ପରିବର୍ତ୍ତେ ରାସାୟନିକ ଖତ ଖାଦ ନେଇ ପ୍ରଚୁର ଲାଭବାନ ହେବାର ଦେଖି ବସନ ପରିଧାନ ଆଭୂଷଣ କଥା ଗରିବ ଘର ଝିଅ ବୋହୂ ମାନେ ସୂତି କପଡାର ପୋଷାକ ପିନ୍ଧି ଆର୍ଥିକ ଅନାଷ୍ଟନ କାରଣକୁ ନେଇ ପ୍ରକୃତ ପଦ୍ଧତି ପ୍ରଣାଳୀରେ ଧୋଇ ସଫେଇ କରିପାରୁନାହାଁନ୍ତି। ତେଣୁ ଯୋଉ ମଳିମୁଣ୍ଡିଆ ସେଇ ମଳିମୁଣ୍ଡିଆ। ଗରିବ ଲୋକମାନେ ସୂତି କପଡା ଧୋତି ଗାମୁଛା କି ଶାଢୀ ଲଗେନସ୍ ନାଇଟ୍ ଗାଉନ୍ କିଣିବା ଏତେଟା ସହଜ ନୁହେଁ। ବରଂ ଗରା ବଦଳରେ ୧୦୦ ମାଠିଆ କିଣିବେ କିନ୍ତୁ ଏକକାଳୀନ ଗରାର ଏତେ ଉଚ୍ଚ ଦାମ୍ ଆଣିବେ କେଉଁଠୁ ଯେ କିଣିବେ? ନା ସେ ବାବଦରେ ଯେଉଁ ଅପବ୍ୟୟକୁ ରୋକିବେ କେମିତି? ପରିଷ୍କାର ସଫେଇ ନ କରିବା ହେତୁ ସୁନ୍ଦର ମନଲୋଭା ଶୋଭନୀୟ ସୌନ୍ଦର୍ଯ୍ୟ ବା ପାଇବେ କେମିତି? ଧନୀକ ଲୋକମାନେ ଫେନସି ପୋଷାକ ପରିଚ୍ଛଦ ପିନ୍ଧି ଦାଉ ଦାଉ ଝଲସି ସୁନ୍ଦରତାରେ ଶୋଭା ପାଉଥିବେ। ଠିକ୍ ସେ କ୍ଷେତ୍ରରେ ଗରିବ ଲୋକମାନେ ଶୋଭା ପାଇବେ ବା କେମିତି? ମା ମାନେ ବାତ୍ସଲ୍ୟ ମମତାରେ ନିଜ କୁନି କୁନି ପିଲାଙ୍କୁ ପଣତ କାନିରେ ପୋଛି ଝାଳ ମଳି ଧୂଳିରୁ ରକ୍ଷା କରୁଥିବାର ଏ ଯୁଗରେ କେତେକାଂଶ କମିଗଲାଣି କାରଣ ମା ମନେ ପିନ୍ଧୁଥିବା ଶାଢୀରେ ଲାଗିଥିବା ଚକମକ୍ ଗୋଲି ବଲ୍ ଚୁମୁକି ଜରି ସାଜସଜା ପ୍ରତିବନ୍ଧକ ସୃଷ୍ଟି କରୁଛି। ଗାଁ ଲୋକେ ସହର ମୁହାଁ ଏଇଥିପାଇଁ ଯେ ବିଦେଶରେ ବରଂ ଦାଦନ ଖଟି ଅଧିକ ସମୟ କାମ କରନ୍ତୁ ବିଦେଶରେ ରହିବା ଢଙ୍ଗ ନିଆରା। ଆଜି ଚାକିରୀ ବି ସଙ୍କୁଚିତ, ଚାଷକାମ କରିବାକୁ ଆଉ କେହିବି ଭଲ ମଣୁନାହାଁନ୍ତି। ଯେମିତିକି ଧନୀ ଲୋକେ ଧନର ଭାରିରେ ଓଜନଦାର ସେମିତି ସେ ଘରର ସ୍ତ୍ରୀମାନେ ହାଲକା ବସନ ପରିବର୍ତ୍ତେ ଫେନସି କାରଣରୁ ଖୁବ ଭାରି ବସ୍ତ୍ର ପରିଧାନ କରି ସୁନ୍ଦରତାରେ ଶୋଭା ପାଉଛନ୍ତି। ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ମହିଳାମାନେ ମାଆ କ୍ଷୀର ନ ଖୁଆଇ ଡବା କ୍ଷୀର ଦେଇ ପିଲାଗୁଡାଙ୍କୁ କୋଉ ଦୃଷ୍ଟିକୋଣରୁ ସ୍ୱାସ୍ଥ୍ୟବାନ ସଜୋଉଛନ୍ତି? ମାଆ କ୍ଷୀର ସହ ଗୋ ମାତା ଗାଈ କ୍ଷୀର ଖାଇ ଯେଉଁ ପିଲା ଯେତିକି ବଳୁଆ ଶକ୍ତିଶାଳୀ ଟାଣୁଆ? ସତରେ କ'ଣ ବୌଦ୍ଧିକତା ଦୃଷ୍ଟିରୁ ପାରଙ୍ଗମ? ଏ ଯୁଗ ଆରାମ ଅୟେସର। ପିଲାମାନେ ବାପା ମାଆ (ଡାଡି ମମି) ପିଲା ଆଉ କାହାର ଛାପ ତାଙ୍କ ଉପରେ ପଡିବ? ବାପା ମାଆ ନ ଡାକି ନିଜ ପିଲାମାନେ (ଡାଡି ମମି) ଡାକିଲେ ଆନନ୍ଦରେ ଛାତି କୁଣ୍ଢେମୋଟ ଉତ୍‌ଫୁଲିତ। ଏ ସମାଜ ସଦା ଆଗଧାଡିର ଲୋକଙ୍କୁ ହିଁ ଅନୁସରଣ କରୁଛି ଅସ୍ମିତାର ଦ୍ୱାହି ଦେଇବୃଥା କପଟାଚରଣରେ କଥା ଭିନ୍ନ କାମ ଭିନ୍ନ କିନ୍ତୁ ଲୋକ ଦେଖାଣିଆ ଯାହାବି କରୁଛନ୍ତି -ପ୍ରକୃତ ପକ୍ଷେ ସେଇଟା ତାହା ନୁହଁ। କହିବା ଏତେ ସହଜ କରିବା କେତେ କଠିନ? ବୟୋବୃଦ୍ଧ ଘରର ମୁରବୀମାନେ ଏବେକୁ ନାତି ନାତୁଣୀ ପିଲାଙ୍କୁ ରାଗରେ ନନସେନ୍ସ ଇଡିୟଟ କହିବାକୁ ପଛୋଉ ନାହାଁନ୍ତି। ଇଂରେଜୀ କହିବା ସମ୍ଭ୍ରାନ୍ତ ପଣିଆର ପରିଚୟକ। ନିଦର୍ଶନ ଖାଲି ତୁଚ୍ଛା ମିଛ ବୃଥା ସ୍ଲୋଗାନରେ ଆମ ପରମ୍ପରା ଚଳଣି ସଂସ୍କୃତି ସଂସ୍କାର ଯେଉଁମାନେ ନଷ୍ଟ କରିଚାଲିଛନ୍ତି ସେଇମାନେ ହିଁ କହୁଛନ୍ତି ଏ ଅପସଂସ୍କାର ଦେଖୁନ କେମିତି ଧସେଇ ପଶିଆସୁଛି? ବର୍ତ୍ତମାନ କୋଲଷ୍ଟ୍ରାଲ ହେତୁ ଓବେସିଟ୍? ବଡ ପେଟ କାହାର ବା ନାହିଁ? ତାର କାରଣ କିଏ କେବେ ଅନୁସନ୍ଧାନ କି ଅନୁଶୀଳନ କରୁଛନ୍ତି କି? ନବ ସଭ୍ୟ ଆଧୁନିକତାରେ ପ୍ରାୟତଃ ସମସ୍ତେ ପାଗଳ। ପୁରୁଣା ଚଳଣି ପରମ୍ପରାକୁ ଆଉ କେହିବି ବସିକି ମୁଠେଇ ଧରିବାକୁ ପ୍ରସ୍ତୁତ ନୁହଁନ୍ତି। ବିଶେଷ କରି ମହିଳାମାନେ ପୁରୁଣା ତେଜ ଦିନ ଦିନ ପ୍ରତିଦିନ ନୂଆ ନୂଆ ଯାହାକୁ କି ନିଜେ ନିଜ ତୁଣ୍ଡରେ ଅପସଂସ୍କୃତି ବୋଲି ଆଖ୍ୟା ଦିଅନ୍ତି ସେଇମାନେ ହିଁ ବେଶଭୁଷା ପରିପାଟିରେ ନିଜ ପାଇଁ ଆଗ ଗ୍ରହଣ ଧାରଣ କରି କେବେ ବି ଛାଡୁନାହାଁନ୍ତି। କିନ୍ତୁ ସେଇମାନଙ୍କୁ ଯିଏ ସବୁ କ୍ଷେତ୍ରରେ ଅନୁସରଣ କରୁଛନ୍ତି ସେମାନଙ୍କୁ ପଡ ପଣିଆରେ ନିନ୍ଦୁଛନ୍ତି। ଖାଇବା ପିଇବା ପିନ୍ଧିବା ନାଇବାରେ ଅନ୍ୟର ପ୍ରେରଣା ସେତେଟା କାମ ଦିଏନି। ବଡଲୋକେ ଓଡିଆ ଅସ୍ମିତା ସମ୍ବନ୍ଧେ ଯେତେ ଜୋରରେ ଗଳା ଫଟାଇ ଗର୍ଦ୍ଦନ ତର୍ଜନ କରି ଭାଷଣ ଦେଇଥାଆନ୍ତି ଯଦି ବା କେହି ସ୍ୱଳ୍ପ ପରିମାଣର ରୋକ ଲଗାଇ ପାରନ୍ତେ ତେବେ କିଏ ଆଉ କାହିଁକି କାହାକୁ କହନ୍ତେ? ବିଦେଶୀ ଢାଞ୍ଚାରେ ଚଳିବା ପାଇଁ ତ ନିଜର କୌଳିକ ବୃତ୍ତିକୁ ଛାଡି କୃଷି କାମ ନକରି ବାବୁ ହାକିମ ମାନିଆରେ ଚଳିବା ପାଇଁ ଦେଶ ଜନ୍ମଭୂମି ମାଟିମାଆକୁ ଛାଡି ବିଦେଶ ଯାଇ ଦାଦନ ଖଟିବାକୁ ଭଲ ମଣୁଛନ୍ତି। ସାରା ଶରୀରରେ ସାଜସଜ୍ଜା ରୂପରେ ସୁନ୍ଦର ଦିଶିବା ପାଇଁ କେତେକେତେ ପ୍ରକାର ରାସାୟନିକ ପ୍ରଲେପ ସେଣ୍ଟଡିଓ ଅତର ବ୍ୟବହାର କରୁନାହାଁନ୍ତି? ଚୁଟି କାଟିବାଠୁଁ କେଶ ଓଠ ରଙ୍ଗେଇବା, ପ୍ରତ୍ୟେକ ସ୍ଥଳରେ ପ୍ରାୟତଃ ସମସ୍ତେ ଅନ୍ଧାନୁସରଣ ପୂର୍ବକ ପାଶ୍ଚାତ୍ୟ ନୀତି ପରମ୍ପରାକୁ ଆପଣେଇଛନ୍ତି। ପୁରୁଣା ଢଙ୍ଗ ଢାଙ୍ଗକୁ ଆଉ କିଏ ବା କାହିଁକି ଜାବୁଡି ଧରି ବସିବ? ତେଲ ମାଳପା ହଳଦୀ କିଏ କେଉଁଠି ବ୍ୟବହାର କାହିଁକି ବା କରିବ? ସମସ୍ତେ ତ ଆଧୁନିକତାରେ ମସ୍‌ଗୁଲ। ସମାଜର ଆଗଧାଡିର ଧନୀକ ଶ୍ରେଣୀର ଲୋକେ ଭଲ ଉନ୍ନତ ସ୍କୁଲ କଲେଜରେ ନିଜ ନିଜର ପିଲାମାନଙ୍କୁ ନ ପଢାଇ କେତେଜଣ କିଏ ଏ ଯୁଗରେ ସରକାରୀ ସ୍କୁଲ କଲେଜରେ ପିଲାଙ୍କୁ ପଢାଉଛନ୍ତି କି? ବିଚାରକୁ ନେଇ ଦେଖିଲେ ପ୍ରତ୍ୟକ୍ଷରେ ଯେଉଁମାନେ ଗଳାଫଟା ଗର୍ଜନ ତର୍ଜନ ବୃଥା ଭାଷଣ ଦେଉଛନ୍ତି? ସେମାନେ ଯଦିବା ନିରପେକ୍ଷ ଭାବେ ଏଇ କଥା ସମୂହର ଅନୁଧ୍ୟାନ କରନ୍ତେ ମାଆ+ମାଟି+ବସୁଧା+ଗାଆଁର ଅସ୍ମିତାର କ'ଣ ଏପରି ବିଲୋପ ଘଟନ୍ତା କି? ଆମେ ଓଡିଆ ଲୋକ ଚୁଡା ମୁଢି ବିରିପିଠା ଖେଚୁଡି ଇତ୍ୟାଦି ଜଳଖିଆ ଖାଇ ଶାଗ ଆମ୍ବୁଲ ଲଙ୍କା ପିଆଜ ପଖାଳ ଖାଇ ଯେମିତି ସେବେ ଚଳୁଥିଲେ ଏବେତ ଆଉ ଚଳୁନାହାଁନ୍ତି। ଆଗରୁ କୌଣସି ଗାଁରେ ଦୋସା ଇଟିଲି ଉପମା କେହି ପ୍ରାୟ ଖାଉ ନଥିଲେ କିନ୍ତୁ ଏବେ ସବୁ ଗାଁ ଗଣ୍ଡା ମାନଙ୍କରେ ପାଉଁରୁଟି କେକ୍ ବର୍ଗର ପିଜା ବିସ୍କୁଟ ମିକଶ୍ଚର ଖାଇଲେଣି। "ଅନ୍ନ ଚାହିଁ ଜ୍ଞାନ ଯୈସା ଅନ୍ନ ୱୈସା" ମନ ତେଣୁ ବିଶେଷ କରି ପୁଣ୍ୟ ମାଟି ଉତ୍କଳର ଆରାଧ୍ୟ ପ୍ରଭୁ ଜଗନ୍ନାଥକୁ ନୀତି ପରମ୍ପରା ଚଳଣି ସଂସ୍କୃତି ସଂସ୍କାରରେ ଯଦିବା ସେମିତି କିଛି ପରିବର୍ତ୍ତନ ନ ଘଟନ୍ତା ତେବେ ବୀର ଓଡିଆ କେବେ ବି ଓଡିଆ ଅସ୍ମିତାକୁ ଭୁଲିଯାଆନ୍ତା ନାହିଁ। ଓଡିଶାର ଅସ୍ମିତା କଣ ଏଇୟା ମାତୃଭାଷା ଓଡିଆକୁ ଭୁଲି ଇଂରେଜୀ ପ୍ରତି ନାହିଁ ନଥିବା ଆକର୍ଷିତ ହେବା କାହିଁ ବୈଦିକ ଭାଷା ସଂସ୍କୃତ ପ୍ରତି ସେଇ ହାରରେ ଆକର୍ଷିତ ହେବାର ନଜିର ମିଳୁନି। ମାଗି ଆଣିଲେ ତିଅଣ ସୋଡକେ। ଜନ୍ମ ହେଲାଠୁଁ ମାଆ କି ବୋଉ ନ ଡାକି ଆମେ ମମି ଡାକିବାକୁ ଏତେ ଗୁରୁତ୍ୱ କାହିଁକି ଦେଉଛେ? ଖାଲି କଣ ସେଇ ମାଆର ସବୁ ଦୋଷ? ଏ ଭେଜାଲ ଯୁଗରେ ଅସଲ ଖାଣ୍ଟିନିୟମ କେଉଁଠି କିଛି ମିଳୁନାହିଁ। ମା ତ ମମି ଆଉ ଛୋଟ କଅଁଳା ଶିଶୁର ମଳମୂତ୍ର କିଏବା ସଫା କରୁଛି? ନା ମାଆ, ବକ୍ଷରୁ କ୍ଷୀର କୋଉ ଛୁଆ କେବେ କୋଉଠୁଁ ପାଉଛି? ଭାଷା କହିବା ଶିଖିଲା ଉତ୍ତାରୁ କଅଁଳେଇ ଖନି ଖନି ମଧୁର ସ୍ୱରରେ ମା କି ବୋଉ ନକହି ମମି+ ଡାଡି ନ ଡାକିଲେ ତ ପ୍ରତ୍ୟେକ ଓଡିଆ ବାପା+ମାଆ ଖୁସ୍ତ। ଚାକ ଚକ୍ୟ ଫେସନରେ ତ ସମସ୍ତେ ମସଗୁଲ। ନିଜର ପିଲାର ଲାଳନ ପାଳନରେ କିଏବା ପ୍ରକୃତ ପକ୍ଷେ ବାତ୍ସଲ୍ୟମମତାରେ ସ୍ନେହ ଶ୍ରଦ୍ଧା ଦେଇ ପାଳନ କରୁଛି? କରୁଥିଲେ ଡବା କ୍ଷୀର ନ ଦେଇ ପାମ୍ପର ନ ପିନ୍ଧାଇ ତେଲ ମାଳପା ବ୍ୟବହାର ନ କଲ ନାହିଁ ଛୋଟ କଅଁଳା ଶିଶୁ ଶରୀରରେ ରାବୁଛେ ସିନା ଆମୋଦ ଦାୟକ କିନ୍ତୁ କିଏ କେବେ ତାର ଅବକ୍ଷୟକାରୀ ପୁଷ୍ପରିଣାମ ଅବଲୋକନ କରୁଛନ୍ତି କି?

ବରମୁଣ୍ଡା, ଭୁବନେଶ୍ୱର

ପ୍ରତିଶବ୍ଦ TV



# ରାହୁଲ ଗାନ୍ଧୀଙ୍କ ୫୬ତମ ଜନ୍ମଦିବସ ପାଳନ କଲା ଟାଉନ କଂଗ୍ରେସ




**ବାଲେଶ୍ୱର,୧୯।୬ :** ଲୋକସଭାର ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ୫୬ତମ ଜନ୍ମଦିବସ ଅବସରରେ ବାଲେଶ୍ୱର ଟାଉନ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସକାଳେ ଟାଉନ କଂଗ୍ରେସର ନେତୃବୃନ୍ଦ ଓ କର୍ମୀମାନେ ଝାଡେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ରାହୁଲ ଗାନ୍ଧୀଙ୍କ ଦୀର୍ଘାୟୁ, ସୁସ୍ଥତା ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସନ୍ଧ୍ୟାରେ ସାଧାରଣ ଜନତାଙ୍କ ଗହଣରେ କେକ୍ କାଟିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇ ଜନ୍ମଦିବସକୁ ଆନନ୍ଦଉଲ୍ଲାସର ସହ ପାଳନ କରାଯାଇଥିଲା। ଟାଉନ କଂଗ୍ରେସ ସଭାପତି ଅନୁପ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବରିଷ୍ଠ କାଉନ୍ସିଲର ପଦ୍ମଲୋଚନ ଲେଙ୍କା, ବରିଷ୍ଠ କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଗୌତମ ସାହୁ, ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଜ୍ୟୋସ୍ନା ସେନାପତି, ଜିଲ୍ଲା କଂଗ୍ରେସ ସମ୍ପାଦକ କେଶବ ଚନ୍ଦ୍ର ନାୟକ, ସଦର ଯୁବ କଂଗ୍ରେସ ସଭାପତି ଜୀବନ ମହାପାତ୍ର, ବାଣୀବିହାର ଛାତ୍ର ନେତା ସୌରଭ ବେହେରା, ଛାତ୍ର କଂଗ୍ରେସ ରାଜ୍ୟ ସୋସିଆଲ ମିଡିଆ ସଂଯୋଜକ ସୌରଭ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

# ଆଇସ୍କ୍ରିମ୍‌ରୁ ଗେଣ୍ଡା ବାହାରିବା ଅଭିଯୋଗ, ତଦନ୍ତ ଦାବି

**ବାଲେଶ୍ୱର,୧୯।୬ :** ବାଲେଶ୍ୱର ଜିଲ୍ଲାର ନୀଳଗିରି ଅଞ୍ଚଳରେ ଆଇସ୍କ୍ରିମ୍‌ରୁ ଗେଣ୍ଡା ବାହାରିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ସହ ଉଦ୍ବେଗ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବରହମପୁର ଅଞ୍ଚଳର ଜଣେ ବ୍ୟବସାୟୀ ବୁଲି ବୁଲି ଆଇସ୍କ୍ରିମ୍ ବିକ୍ରି କରୁଥିବା ବେଳେ ଭାଲୁକପୋଷି ଛକ ନିକଟରେ କିଛି ଛୋଟପିଲା ତାଙ୍କଠାରୁ ନଡ଼ିଆ ଆଇସ୍କ୍ରିମ୍ କିଣିଥିଲେ। ଆଇସ୍କ୍ରିମ୍ ଖାଇବା ସମୟରେ ସେଥିରୁ ଏକ ଗେଣ୍ଡା ବାହାରିଥିବା ଅଭିଯୋଗ ହୋଇଛି। ଏହା ପରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।



ଏହି ଘଟଣା ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ଅସ୍ୱାସ୍ଥ୍ୟକର ପରିବେଶରେ ଆଇସ୍କ୍ରିମ୍ ପ୍ରସ୍ତୁତ ହେଉଥିବା ଅଭିଯୋଗ ହେଉଥିବାରୁ ଖାଦ୍ୟ ସୁରକ୍ଷା ବିଭାଗ ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ତେବେ ଏହି ଘଟଣା ନେଇ ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିନାହିଁ। ଏହି ଲେଖାଟି ଦୈନିକ ସମ୍ବାଦ, ଧରିତ୍ରୀ, ପ୍ରମେୟ ଭଳି ଖବରକାଗଜର ଶୈଳୀକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି।

## ଗାଁ ମାଟିରେ ଜୀବନ୍ତ ପୁରାତନ ପରମ୍ପରା

# ୨ ଦିନ ଧରି ମା' ଜାଗୁଳାଇ ରାମଲୀଳା ଉତ୍ସବ



**ଫୁଲନଖରା, ୧୯।୬ :** କଟକ ସଦର ୪୨ ମୌଜା ଅନ୍ତର୍ଗତ ମିର୍ଜାଇପୁର ଗ୍ରାମସ୍ଥିତ ମା' ଜାଗୁଳାଇ ରାମଲୀଳା ସମିତି ପକ୍ଷରୁ ଦୁଇ ଦିନ ଧରି ପାରମ୍ପରିକ ପୌରାଣିକ ରାମଲୀଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ରାତ୍ରିରେ "ସତ୍ୟ ରକ୍ଷାକାରୀ ଗୋଲକ ବିହାରୀ" ଏବଂ ଦ୍ୱିତୀୟ ରାତ୍ରିରେ "ଦଶାନନର ଶେଷ ହସ ବା ଜୟଯାତ୍ରା" ଶୀର୍ଷକ ପୌରାଣିକ ରାମଲୀଳା ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇ ଉପସ୍ଥିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଲୋକପ୍ରିୟ ନାଟ୍ୟ ନିର୍ଦ୍ଦେଶକ ତଥା ସାହିତ୍ୟିକ ସନ୍ତୋଷ କୁମାର ପତି ଏବଂ ଖ୍ୟାତିସମ୍ପନ୍ନ ନାଟ୍ୟ ନିର୍ଦ୍ଦେଶକ ତଥା ସଂଗଠକ ଅଶୋକ କୁମାର ପଟ୍ଟନାୟକ ଏହି ରାମଲୀଳା କାର୍ଯ୍ୟକ୍ରମକୁ ନିର୍ଦ୍ଦେଶନା ଦେଇଥିଲେ। କେଲୁଚରଣ ମହାରଣା, ନାରାୟଣ ମହାରଣା, ଈଶ୍ୱର ଓଝା, ଦୁଃଖୀଶ୍ୟାମ ମଣିଆ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ମୁରବୀଙ୍କ ସମେତ ଗ୍ରାମବାସୀଙ୍କ ଆନ୍ତରିକ ସହଯୋଗରେ ଉତ୍ସବ ସଫଳତାର ସହ ଆୟୋଜିତ ହୋଇଥିଲା। ଓଡ଼ିଶାର ଗଣପର୍ବ ରଜ ଅବସରରେ ଆୟୋଜିତ ଏହି ନିଆରା ରାମଲୀଳା ପରମ୍ପରା ମିର୍ଜାଇପୁର ଗ୍ରାମର ଏକ ସାଂସ୍କୃତିକ ପରିଚୟ ଭାବେ ପରିଗଣିତ ହୋଇଆସୁଛି। ଏହି ଉତ୍ସବର ବିଶେଷତ୍ୱ ହେଉଛି ଗ୍ରାମର ଯୁବକ ଓ କଳାକାରମାନେ ନିଜେ ମେକଅପ୍ ନେବା ସହ ଗ୍ରାମର ଚିତ୍ରାଳୟ, ଖୋଳ, ଝାଞ୍ଜ, କୀର୍ତ୍ତନ ଏବଂ ବୈଦ୍ୟୁତିକ ବାଦ୍ୟଯନ୍ତ୍ରର ସହଯୋଗରେ ରାମଲୀଳା ପରିବେଷଣ କରିଥାନ୍ତି। ବିଶେଷ କରି ପ୍ରବାସରେ ରହି ଜୀବିକା ନିର୍ବାହ କରୁଥିବା ଗ୍ରାମର ଯୁବକମାନେ ମଧ୍ୟ ଏହି ସମୟରେ ନିଜ ମାଟିକୁ ଫେରି ଆସି ଗ୍ରାମ୍ୟ କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ନିଜର ଭଲପାଇବା, ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ କରିଥାନ୍ତି। ଏହି ନିଆରା ପରମ୍ପରା ଆଜି ମଧ୍ୟ ଗ୍ରାମର ଏକତା ଓ ସାଂସ୍କୃତିକ ଚେତନାକୁ ଅତୁଟ ରଖିଛି।

# ବନ୍ୟା-ବାତ୍ୟା ମୁକାବିଲା ପାଇଁ ୧୪୪ ଆଶ୍ରୟସ୍ଥଳୀରେ ମକ୍ ଡ୍ରିଲ୍

**ବାଲେଶ୍ୱର,୧୯।୬ :** ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ଦକ୍ଷ ମୁକାବିଲା ଏବଂ 'ଶୂନ୍ୟ ମୃତ୍ୟୁ' ଲକ୍ଷ୍ୟକୁ ସାକାର କରିବା ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁବାର ଜିଲ୍ଲାପାଳ କାର୍ଯ୍ୟାଳୟର ଅଡିଟୋରିୟମ୍‌ରେ ଜିଲ୍ଲାସ୍ତରୀୟ ଟେବୁଲ୍-ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିପର୍ଯ୍ୟୟ ସମୟରେ ସମନ୍ୱିତ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ।ବୈଠକରେ ବନ୍ୟା ଓ ବାତ୍ୟା ପୂର୍ବରୁ ପ୍ରସ୍ତୁତି, ସ୍ଥାନାନ୍ତରଣ, ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା, ଆଶ୍ରୟସ୍ଥଳୀ ପରିଚାଳନା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ହେଉଥିବାରୁ ପୂର୍ବ ପ୍ରସ୍ତୁତି ହିଁ ଧନଜୀବନ ସୁରକ୍ଷାର ପ୍ରମୁଖ ଉପାୟ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଆସନ୍ତା ୧୯ ଜୁନରେ ଜିଲ୍ଲାର ବନ୍ୟା ଓ ବାତ୍ୟାପ୍ରବଣ ଅଞ୍ଚଳରେ ବ୍ୟାପକ ମକ୍ ଡ୍ରିଲ୍ ଆୟୋଜନ କରାଯିବ। ଏଥିରେ ବିପର୍ଯ୍ୟୟ ସମୟରେ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ, ଉଦ୍ଧାର, ପ୍ରାଥମିକ ଚିକିତ୍ସା ଏବଂ ସଚେତନତା କାର୍ଯ୍ୟକ୍ରମର ବ୍ୟବହାରିକ ପ୍ରଦର୍ଶନ କରାଯିବ।ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ୧୪୪ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ସହିତ ରେଡକ୍ରସ୍ ପରିଚାଳିତ ୧୨ଟି କେନ୍ଦ୍ରରେ ଏହି ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ। ଏହାପୂର୍ବରୁ ସମସ୍ତ ଆଶ୍ରୟସ୍ଥଳୀର ଭିତ୍ତିଭୂମି, ବିଦ୍ୟୁତ, ପାନୀୟଜଳ, ଜରୁରୀ ସରଞ୍ଜାମ ଓ ଯନ୍ତ୍ରପାତିର ସ୍ଥିତି ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ଆରଣ୍ୟକ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ଜେନା, ବିଭିନ୍ନ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓ, ତହସିଲଦାର, ଏନ୍‌ଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ସିଭିଲ୍ ଡିଫେନ୍ସ, ଆପଦ ମିତ୍ର ସ୍ୱେଚ୍ଛାସେବୀ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପ୍ରତିକାର ଖବରକାଗଜ ପକ୍ଷରୁ

# ୧୯ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ




**ଭୁବନେଶ୍ୱର,୧୯।୬ :** ସ୍ଥାନୀୟ ଜୟଦେବ ଭବନଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପ୍ରତିକାର ପକ୍ଷରୁ ଏକ ରାଜ୍ୟସ୍ତରୀୟ ଓଡିଶା ପ୍ରତିଭା ସମ୍ମାନ ଓ ୧୯ ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରମୁଖ ବିଷୟ ଥିଲା ସାମ୍ବାଦିକତା ଏବଂ ନ୍ୟାୟ । ଏଥିରେ ଉଦ୍ଘାଟକ ଭାବରେ ସାମ୍ବାଦିକ ଶ୍ରୀରାମ ଦାସ ଯୋଗଦେବା ସହ ମୁଖ୍ୟତିଥି ଭାବେ ପୂର୍ବତନ ବିଧାୟକ, ବରିଷ୍ଠ ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର, ସାମ୍ବାଦିକ ଡାକ୍ତର ମହେଶ୍ୱର, ରାକେଶ ମହାନ୍ତି, ସୂର୍ଯ୍ୟପ୍ରକାଶ ମହାନ୍ତି, ସିନମା ଅଭିନେତ୍ରୀ ଶୀତଲ ପାତ୍ର, ସାମ୍ବାଦିକ ସୁଧାଂଶୁ ମହାପାତ୍ର, କ୍ଷିରୋଦ ଚନ୍ଦ୍ର ପତି, ସୁନାମଧନ୍ୟ ଲେଖକ ଡଃ ପ୍ରସାନ୍ତ ବିଶ୍ୱାଳ,ପାପଡାହାଣ୍ଡି ଉର୍ଣ୍ଣୟନ ଅଧକ୍ଷ ଶ୍ରୀଯୁକ୍ତ ସୁଶାନ୍ତ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିବା ବେଳେ ପ୍ରତିକାରର ପ୍ରତିଷ୍ଠାତା ଏବଂ ସମ୍ପାଦକ ଶ୍ରୀ ଶୁଭାଶିଷ ମିଶ୍ର ଅଧ୍ୟକ୍ଷତା କରିଥିଲେ । ସାମ୍ବାଦିକଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ସରକାର ଉଚିତ୍ ପଦକ୍ଷେପ ନେଲେ ଏବଂ ସେମାନଙ୍କୁ ସୁରକ୍ଷା, ସମ୍ମାନ, ସ୍ୱୀକୃତୀ କାର୍ଯ୍ୟର ସାମ୍ବାଦିକଙ୍କ ଉପରେ ହେଉଥିବା ଆକ୍ରମଣ କାରିଙ୍କୁ ଉଚିତ୍ ଦଣ୍ଡବିଧାନ ଓ ନ୍ୟାୟ ପ୍ରଦାନ କରାଗଲେ ସେମାନେ ସମ୍ବାଦ ପରିବେଷଣ ଦିଗରେ ସଠିକ୍ ମାର୍ଗଦର୍ଶନ କରିହେବ । ସମ୍ପାଦପତ୍ରରେ ବର୍ତ୍ତମାନ ଉପଯୋଗ କରାଯାଉଥିବା କୃତ୍ରିମ ବୁଦ୍ଧିମତା (ଏ.ଆଇ) ଦ୍ୱାରା ସମ୍ବାଦପତ୍ରର ସତ୍ୟ ଏବଂ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ ଉପରେ ସନ୍ଦେହ ବଳୟ ସୃଷ୍ଟିହେଉଛି । ପ୍ରେସ କାଉନ୍ସିଲ ଅଫ୍ ଇଣ୍ଡିଆର ଉଦ୍ଦେଶ୍ୟକୁ ମନେ ରଖି ସମ୍ବାଦପତ୍ର ଓ ସାମ୍ବାଦିକମାନେ ଏକ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟକଲେ ଗଣତନ୍ତ୍ର ସୁଦୃଢ ହୋଇପାରିବ ।

# ସିଟିସ୍ତରୀୟ ଖେଲୋ ଇଣ୍ଡିଆ ମହିଳା ଅସ୍ମିତା ସାଇକେଲିଂ ଲିଗ୍ ଅନୁଷ୍ଠିତ




**ବଣାଇଁ,୧୯।୬ :** ବିଶ୍ୱ ବାଇସାଇକେଲ ଦିବସ ପାଳନ ପରିପ୍ରେକ୍ଷୀରେ ଖେଲୋ ଇଣ୍ଡିଆ ଅନ୍ତର୍ଗତ ସିଟି ସ୍ତରୀୟ ମହିଳା ଅସ୍ମିତା ସାଇକେଲିଂ ଲିଗ୍ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସଂଗଠନର ମହିଳା ସଦସ୍ୟଙ୍କ ସହ ସ୍କୁଲ ଓ କଲେଜର ଯୁବତୀମାନେ ଅଂଶଗ୍ରହଣ କରିଥିଲେ। ଭାରତ ସରକାରଙ୍କ ଯୁବ ଓ ସ୍ପୋର୍ଟସ ମନ୍ତ୍ରଣାଳୟ, ସ୍ପୋର୍ଟସ ଅଥରିଟି ଅଫ ଇଣ୍ଡିଆ, ଫିଟ୍ ଇଣ୍ଡିଆ, ସିଏଫଆଇ ଏବଂ ଓଡିଶା ସାଇକେଲିଂ ଆସୋସିଏସନର ମିଳିତ ସହଯୋଗରେ ଆୟୋଜିତ ଅସ୍ମିତା ସାଇକେଲିଂ ଲିଗରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସାଇକେଲ ଶୋଭାଯାତ୍ରା ସେକ୍ଟର - ୧୩ ମେଳଣ ପଡିଆରୁ ବାହାରି ସେକ୍ଟର ୭/୧୭ ଛକ ହୋଇ ପୁଣି ୧୩ ନମ୍ବର ପଡିଆକୁ ପ୍ରତ୍ୟାବର୍ତନ କରିଥିଲା । ମୁଖ୍ୟ ଅତିଥି ଭାବେ ପୋଲିସ ଇନିସ୍ପେକ୍ଟର କ୍ଷିତୀଶ ଚନ୍ଦ୍ର ପାତ୍ର, ସୁନ୍ଦରଗଡ଼ ଡ଼ିଏଏ ର ଉପ ସଭାପତି ରାଧା ମୋହନ ନାୟକ ଓ ଓଡିଶା ସାଇକିଲିଂ ଆସୋସିଏସନ ର ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା ମିଳିତ ଭାବେ ସବୁଜ ପତାକା ଦେଖାଇ ଶୋଭାଯାତ୍ରା ର ଶୁଭାରମ୍ଭ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ରେ ଡିଏଏ ର ବରିଷ୍ଠ ସଦସ୍ୟ ଆରବିନ୍ଦ ପାତ୍ର, ବିବୁଦତ୍ତ ବେହେରା, ଇସ୍ପାତ କଲେଜ ର ପିଇଟି ଅଧାପକ ସୁବ୍ରତ ଭଞ୍ଜ, ଉଦିତ ନଗର ହାଇସ୍କୁଲ ର ପିଇଟି ଶିକ୍ଷକ ଆଶିଷ ପ୍ରଧାନ, ଆରଇସି ହାଇସ୍କୁଲ ର ପିଇଟି ଶିକ୍ଷକ ଅଜୟ କୁମାର ରାଉତ, ୱାଇଏମଏଫଆଇ ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅତିଥି ମାନେ କ୍ରୀଡା ଓ ସାଇକେଲ ଚାଳନା ସମ୍ପର୍କ ରେ ଆଲୋକପାତ କରିବା ସହ ସାଇକେଲ ଚାଳନା ଦ୍ୱାରା ଆମେ ସ୍ୱାସ୍ଥ୍ୟବାନ ରହିପାରିବା ବୋଲି କହିଥିଲେ । ଗୋପୀନାଥ ପଣ୍ଡା ଙ୍କ ତତ୍ତ୍ୱାବଧାନ ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଆରତୀ ଚୌଧୁରୀ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । ଏଥିରେ ସାଇକ୍ଲିଷ୍ଟ ରଶ୍ମିତା କର, ବର୍ଷା ବାନେର୍ଜୀ, ପ୍ରମୋଦ କୁମାର ବେହେରା, ରିୟା କୁମାରୀ, ଶିବାନୀ, ସୁରେନ ପାଲ, ସଚି ପଣ୍ଡା, ଗୀତା ବାନାର୍ଜୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# କ୍ଷୁଦ୍ର ଜଳସେଚନ ଉପ ବିଭାଜନରେ ନିମ୍ନ ମାନର କାର୍ଯ୍ୟ ନେଇ ଠିକାଦାର ସଂଘର କାର୍ଯ୍ୟାଳୟ ଘେରାଉ

**ବଣାଇଁ,୧୯।୬ :** ସୁନ୍ଦରଗଡ଼ ଜିଲ୍ଲା ବଣାଇଁ କ୍ଷୁଦ୍ର ଜଳସେଚନ ଉପ ବିଭାଜନ ରେ ନିମ୍ନ ମାନର କାର୍ଯ୍ୟ ନେଇ ଠିକାଦାର ସଂଘ ପକ୍ଷରୁ ଆଜି କାର୍ଯ୍ୟାଳୟ ଘେରାଉ କରାଯାଇଥିବା ଦେଖାଯାଇଛି। ବଣାଇଁ କ୍ଷୁଦ୍ର ଜଳସେଚନ ଉପ ବିଭାଜନ ବଣାଇଁ ଅଧୀନ ଲହୁଣିପଡ଼ା ଗଣିଘସା



ନିକଟରେ ହେଉଥିବା କଉଧର (୨)ଚେକ୍ ଡ୍ୟାମ୍ ର କାମ ଠିକାଦାର ନିଭା ମିଶ୍ର କରୁଛନ୍ତି ଓ ସମ୍ପୃକ୍ତ କାମ ୬୨ ଲକ୍ଷ ୪୯ ହଜାର ବ୍ୟୟ ଅଟକଳ ରେ ହେଉଥିବା ବେଳେ ଅତ୍ୟନ୍ତ ନିମ୍ନ ମାନର କାମ ହେଉଥିବା ନେଇ ଠିକାଦାର ମହାସଂଘ ଅଭିଯୋଗ ପାଇବା ପରେ ଆଜି ଏକ ପ୍ରତିନିଧି ଦଳ ତଦନ୍ତ ପାଇଁ ବଣାଇଁ ରେ ପହଞ୍ଚିଥିଲେ । ଠିକାଦାର ମହାସଂଘ ର ସଭାପତି ତାପସ କୁମାର ଆଚାର୍ଯ୍ୟ ଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ଦଳ ଙ୍କୁ ବଣାଇଁ କ୍ଷୁଦ୍ର ଜଳ ସେଚନ ବିଭାଗ ର କନିଷ୍ଠ ଯନ୍ତ୍ରୀ ଅସହଯୋଗ କରିବା କାରଣରୁ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଠିକାଦାର ମାନେ ଉପ ବିଭାଜନ କାର୍ଯ୍ୟାଳୟ କୁ ଘେରାଉ କରି ରଖିବା ପରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପହଁଚି କଥାବାର୍ତ୍ତା ହେବା ପରେ ପରିସ୍ଥିତି ଶାନ୍ତ ପଡିଥିବା ଜଣାଯାଇଛି । ତେବେ ସହକାରୀ ନିର୍ବାହୀ ଯନ୍ତ୍ରୀ ତଦନ୍ତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଠିକାଦାର ସଂଘ ଉପସ୍ଥିତି ରେ ତଦନ୍ତ ହେବ ବୋଲି କହିବା ପରେ ସଂଘ କର୍ମକର୍ତ୍ତା ସହଯୋଗ କରିବେ ବୋଲି କହିଥିଲେ ।

# ପବିତ୍ର ରଥଯାତ୍ରା ଉପଲକ୍ଷେ ପୂର୍ବ ପ୍ରସ୍ତୁତି ବୈଠକ



**କୋଟପାଡ଼,୧୯।୬ :** କୋଟପାଡ଼ ଜଗନ୍ନାଥ ମନ୍ଦିର ପରିସରରେ ଆଜି ପରମ୍ପରା ଅନୁଯାୟୀ ଆସନ୍ତା ରଥଯାତ୍ରା ପାଳନ ଉପଲକ୍ଷେ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି, ଦେବୋତ୍ତର ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ତହସିଲଦାର ଟ୍ୱିଙ୍କିଲ ସେଠିଙ୍କ ପରାମର୍ଶ କ୍ରମେ ଅତିରିକ୍ତ ତହସିଲଦାର ଗୀତାଞ୍ଜଳି ଗଣ୍ଡ ଙ୍କ ଅଧ୍ୟକ୍ଷତାରେ ସମସ୍ତ କମିଟି ସଦସ୍ୟ ମାନଙ୍କ ଉପସ୍ଥିତରେ ଆଲୋଚନା ହୋଇଥିଲା,ଏହି ପ୍ରସ୍ତୁତି ବୈଠକରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ ଏନ ଏ ସି ନଗରପାଳ ଏମ ଶଙ୍କର ରାଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗ ଦେଇଥିଲେ, ଆସନ୍ତା ଜୁଲାଇ ୧୬ ତାରିଖରୁ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଜୁଲାଇ ୨୪ ତାରିଖରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ସୂତ୍ରରୁ ପ୍ରକାଶ ହୋଇଥିଲା, ରଥଯାତ୍ରାକୁ ସୁରୁଖୁରୁରେ ପାଳନ କରିବା ସହ ବାହୁଡ଼ା ପର୍ଯ୍ୟନ୍ତକୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ବିଧାୟକ ପ୍ରସ୍ତାବ ଦେଇଥିଲେ,ଏହା ସହ ଚଳିତବର୍ଷ ରଥାରୁଢ ଠାକୁରଙ୍କ ରଥରେ ବିଧାୟକ ରୁପୁ ଭତ୍ରା ଛେରା ପଂହଁରା କରିବେ ବୋଲି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା, ଗତବର୍ଷ ରଥଯାତ୍ରା ର ଆଦାୟ ଓ ଖର୍ଚ୍ଚର ହିସାବ ସମ୍ପାଦକ ଚନ୍ଦ୍ର ଶେଖର ଦାସ ବୈଠକରେ ଉପସ୍ଥାପନ କରିଥିଲେ, ଚଳିତ ବର୍ଷ ମଧ ପୂର୍ବ ପରିଚାଳନା କମିଟିକୁ ପୁନଃ ମନୋନୀତ ଚୟନ କରାଯାଇଥିଲା, ସଭ୍ୟ ମାନଙ୍କ ମଧ୍ୟରେ ସଭାପତି ମନୋହର ବିଶୋଇ,ଉପ ସଭାପତି ଜିତେନ୍ଦ୍ର ନାଥ ମହାପାତ୍ର, ସମ୍ପାଦକ ଚନ୍ଦ୍ର ଶେଖର ଦାସ,ପଙ୍କଜ କୁମାର ପାତ୍ର, ମଣି ପ୍ରସାଦ ପଟନାୟକ, ପ୍ରଦୀପ ବକ୍ସି, ଅଜୟ ମିଶ୍ର,ବିନୋଦ ଶାସମାଲ,ବିଶ୍ୱ ତ୍ରିପାଠୀ,ଟଙ୍କଧର ନାୟକ, ରାମେଶ୍ୱର ଜେନା,ପ୍ରଶାନ୍ତ ପଟନାୟକ,ଶ୍ରୀମନ୍ତ ପଣ୍ଡା, ଓମ ପ୍ରକାଶ ଦାସ ଙ୍କ ସହ ଅନ୍ୟ ସମସ୍ତ ସଭ୍ୟ ସଦସ୍ୟ ଏବଂ ଜଗନ୍ନାଥ ମନ୍ଦିର ପୂଜକ ଏବଂ ରଥ ନିର୍ମିତ କାରିଗର ବନ୍ଧୁ ମାନଙ୍କ ସହ କୋଟପାଡ଼ ଅଞ୍ଚଳର ସମସ୍ତ ବୁଦ୍ଧିଯିବି ମାନେ ଉପସ୍ଥିତ ଥିଲେ।

# ଶୀତଳ ଷଷ୍ଠୀ ଅବସରରେ ସୁନ୍ଦରଗଡ ଜିଲ୍ଲା ବଣାଇ ସହର ଉତ୍ସବମୁଖର

## ବରଯାତ୍ରୀରେ ଗଲେ ମହାଦେବ ମା ପାର୍ବତୀଙ୍କ ପାଣିଗ୍ରହଣ କରିବାକୁ

**ବଣାଇଁ,୧୯।୬ :** ପବିତ୍ର ଶୀତଳ ଷଷ୍ଠୀ ଅବସରରେ ସୁନ୍ଦରଗଡ ଜିଲ୍ଲା ବଣାଇ ସହର ଉତ୍ସବମୁଖର ହୋଇଉଠିଛି। ଦେବାଦିଦେବ ମହାଦେବ ଓ ମା ପାର୍ବତୀଙ୍କ ଦିବ୍ୟ ବିବାହ ମହୋତ୍ସବକୁ ନେଇ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶରେ ମଗ୍ନ ରହିଛି। ଦୁଇ ଦିନ ଧରି ବିଭିନ୍ନ ରୀତିନୀତି ସମ୍ପନ୍ନ ହେବା ପରେ ଆଜି ମହାଦେବ ବରଯାତ୍ରୀରେ ବାହାରି ମା ପାର୍ବତୀଙ୍କ ପାଣିଗ୍ରହଣ ପାଇଁ କନ୍ୟା ଗୃହକୁ ଯାଇଥିଲେ। ବଣାଇ ସ୍ଥିତ ବାବା ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ସନ୍ଧ୍ୟା ପ୍ରାୟ ୭ ଘଟିକା ସମୟରେ ମହାଦେବଙ୍କ ବିଶାଳ ବରଯାତ୍ରୀ ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ଦେବଦେବୀଙ୍କ ବିଗ୍ରହ, ଲୋକନୃତ୍ୟ ଦଳ, ସାଂସ୍କୃତିକ ଟିମ୍, ଢୋଲ, ନିଶାନ, ଘଣ୍ଟ, ଶଙ୍ଖ, ମହୁରୀ ଓ ଡିଜେ ବାଦ୍ୟ ସାମିଲ ହୋଇଥିଲା। ପ୍ରାୟ ତିନି ହଜାରରୁ ଅଧିକ ଭକ୍ତ ଓ ବରଯାତ୍ରୀ ଏହି ଶୋଭାଯାତ୍ରାରେ ଯୋଗଦେଇ ଭକ୍ତି ଓ ଆନନ୍ଦର ପରିବେଶ ସୃଷ୍ଟି କରିଥିଲେ। ଢୋଲ ଓ ନିଶାନର ତାଳେ ତାଳେ ଶୋଭାଯାତ୍ରା ଆଗକୁ ବଢୁଥିବା ବେଳେ ଅଞ୍ଚଳର କଳାକାରମାନେ ଆକର୍ଷଣୀୟ ଲୋକନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ବାଦ୍ୟର ଗର୍ଜନରେ ସମଗ୍ର ବଣାଇ ସହର ଉତ୍ସବମୁଖର ହୋଇଉଠିଥିଲା। ସପନ ଦାଶ, ବର ପିତା ଋତୁରାଣୀ ଦାଶ, ବର ମାତା ଶୋଭାଯାତ୍ରା ମା ବାସୁଳୀ ମନ୍ଦିରରେ ପହଞ୍ଚିବା ପରେ ବରଯାତ୍ରୀଙ୍କୁ ପାରମ୍ପରିକ ରୀତିରେ ପାଛୋଟି ନିଆଯାଇଥିଲା। ମା ପାର୍ବତୀଙ୍କ କନ୍ୟା ପିତା-ମାତା ଭାବେ ରାଜୁ ପୃଷେଠ ଓ କବିତା ପୃଷେଠ ଏବଂ ମହାଦେବଙ୍କ ବର ପିତା-ମାତା ଭାବେ ସପନ ଦାସ ଓ ନିତୁ ଦାସ ଏହି ପବିତ୍ର ଦାୟିତ୍ୱ ପାଇଁ ନିଜକୁ ଧନ୍ୟ ମନେ କରିଥିଲେ। ଦେବଦମ୍ପତିଙ୍କ ସେବା କରିବାର ସୁଯୋଗ ମିଳିଥିବାରୁ ସେମାନେ ଭାବବିହ୍ୱଳ ହୋଇ ପ୍ରତିକ୍ରିୟା ଦେଇଥିଲେ ପରେ ସମସ୍ତ ବୈଦିକ ରୀତିନୀତି ଅନୁସାରେ ମହାଦେବ ଓ ମା ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। ଶୋଭାଯାତ୍ରା ଓ ବିବାହ ଉତ୍ସବକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ବଣାଇ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା।



## ଶବଦାହ ସେବାରେ ନୂଆ ପଦକ୍ଷେପ

# ଛତୁଆ ଶ୍ମଶାନରେ ଦୁଇଟି ଆଲୁମିନିୟମ୍ ଚୁଲା ସ୍ଥାପନ

**ବାଲେଶ୍ୱର,୧୯।୬ :** ଶବଦାହ ସେବାକୁ ଅଧିକ ସୁବିଧାଜନକ, କମ୍ ଖର୍ଚ୍ଚସାପେକ୍ଷ ଓ ପରିବେଶ ଅନୁକୂଳ କରିବା ଲକ୍ଷ୍ୟରେ ବାଲେଶ୍ୱର ସହର ଉପକଣ୍ଠ ଟୁଲଙ୍ଗସ୍ଥିତ ଛତୁଆ ଶ୍ମଶାନରେ ଶୁକ୍ରବାର ଦୁଇଟି ଆଲୁମିନିୟମ୍ ଶବଦାହ ଚୁଲା ସ୍ଥାପନ କରାଯାଇଛି। ସମାଜସେବୀ ମନୋଜ କୁମାର ରାଉତ ଓ ରବିନ୍ଦ୍ର ସାହାଣୀଙ୍କ ସୌଜନ୍ୟ ଏବଂ ଆର୍ଥିକ ସହଯୋଗରେ ଏହି



ଜନହିତକର ପଦକ୍ଷେପ ସମ୍ଭବ ହୋଇଛି। ନୂତନ ଆଲୁମିନିୟମ୍ ଚୁଲା ବ୍ୟବହାର କଲେ ପାରମ୍ପରିକ ପଦ୍ଧତି ତୁଳନାରେ ପ୍ରାୟ ୫୦ ପ୍ରତିଶତ କମ୍ କାଠରେ ଶବଦାହ ସମ୍ପନ୍ନ ହୋଇପାରିବ। ଏହାଦ୍ୱାରା ଶବଦାହ ଖର୍ଚ୍ଚ କମିବା ସହିତ କାଠର ବ୍ୟବହାର ମଧ୍ୟ ହ୍ରାସ ପାଇବ। ବର୍ଷା ଋତୁ ଓ ପ୍ରତିକୂଳ ପାଣିପାଗରେ ମଧ୍ୟ ଏହି ଚୁଲା ଶବଦାହ କାର୍ଯ୍ୟକୁ ସହଜ ଓ ନିର୍ବିଘ୍ନ କରିବ ବୋଲି ଆଶା କରାଯାଉଛି। ଏହି ସୁବିଧା ଦ୍ୱାରା ମଠସାହି, ଟୁଲଙ୍ଗସାହି, ମଲ୍ଲିକାଶପୁର, ବୈରାମନଗର, ମାକଲପୁର, କାଶୀମାବାଦ, ନଲମଗଞ୍ଜ, ଭୋଇସାହି ସମେତ ଆଖପାଖର ଆଠଟି ଗ୍ରାମ ଓ ସହରାଞ୍ଚଳର ଗରିବ, ମଧ୍ୟବିତ୍ତ ଏବଂ ସମସ୍ତ ବର୍ଗର ଲୋକ ଉପକୃତ ହେବେ। ଚୁଲା ସ୍ଥାପନ କାର୍ଯ୍ୟକ୍ରମରେ ମାନସ ରଞ୍ଜନ ଭୋଇ, ମହେଶ୍ୱର ତାଲଦୀ, ରବି ନାରାୟଣ ରାଓ, ବୀରେନ୍ଦ୍ର ସେଠୀ, ପ୍ରାଣବନ୍ଧୁ ମହାପାତ୍ର, ଅକ୍ଷୟ ଦାସ, ପର୍ଶୁରାମ ଚାନ୍ଦ, ବିଶ୍ୱନାଥ ସେଠୀ, ସଞ୍ଜୟ ପାହାଡ଼ି, ନବଜୀବନ ଭୋଇ, ହେମନ୍ତ ବେହେରା, ଗିରିଧାରୀ ବେହେରା, ସନ୍ତୋଷ ଭୋଇ, ହରିଶ ବେହେରା, ଶୁଭେନ୍ଦୁ ରାଜ, ସତ୍ୟବ୍ରତ ଦାସ, ରମାକାନ୍ତ ବେହେରା, ବିଶ୍ୱମ୍ଭର ଦାସ, ଶୁଭଙ୍କର ଓଝା, ହୃଦାନନ୍ଦ ପାହାଡ଼ି, କରୁଣାକର ବିଶ୍ୱାଳ, କାଲୁ ନାୟକ, ଦୀପକ ବାରିକଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ



**ବାଲେଶ୍ୱର,୧୯।୬ :** ଭୋଇସାହିସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଗୁରୁବାର ଜିଲ୍ଲା ବିଜେପି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ବିକାଶମୂଳକ କାର୍ଯ୍ୟକ୍ରମକୁ ପଞ୍ଚାୟତ ଓ ବୁଥ୍ ସ୍ତରରେ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲାର ୩୩ଟି ମଣ୍ଡଳର ପ୍ରଭାରୀମାନଙ୍କ ସହ ଜିଲ୍ଲା ସାଧାରଣ ସମ୍ପାଦକ ତଥା ନୀଳଗିରି ବିଧାନସଭା ପ୍ରଭାରୀ ପର୍ଶୁରାମ ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ତଥା ସୋର ବିଧାନସଭା ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ଜିଲ୍ଲା ସମ୍ପାଦକ ତଥା ସିମୁଳିଆ ବିଧାନସଭା ପ୍ରଭାରୀ ରାଜେଶ ମହାପାତ୍ର, ରେମୁଣା ବିଧାନସଭା ପ୍ରଭାରୀ ତଥା ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଏବଂ ସଦର ବିଧାନସଭା ପ୍ରଭାରୀ ତଥା ଜିଲ୍ଲା ଉପସଭାପତି ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା 'ମନ୍ କି ବାତ୍', ବୁଥ୍ ଓ ଶକ୍ତିକେନ୍ଦ୍ର ସ୍ତରୀୟ ବୈଠକ ଏବଂ ଜୁନ୍ ୨୧ରେ ପାଳନ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସକୁ ସଫଳ କରିବା ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭରେ ରାଷ୍ଟ୍ରୀୟ ବନ୍ଦନା ପରିବେଷଣ କରାଯାଇଥିବାବେଳେ ଶେଷରେ ସମସ୍ତେ ସାମୂହିକ ଭାବେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିଥିଲେ।

# ବିଜେପି ପକ୍ଷରୁ ବାବୁ ନନାଙ୍କ ଜନ୍ମ ଦିନ ପାଳନ



**ବସ୍ତା,୧୯।୬ :** ସମାଜସେବୀ ଆଗ ଧାଡିର ନେତା ଙ୍କ ଜନ୍ମଦିନରେ ବିଜେପି ପକ୍ଷରୁ ତାଙ୍କ ଜନ୍ମଦିନରେ କେକ କାଟି ଶୁଭ ମନାସିଥିଲେ । ଛାତ୍ର ଜୀବନରୁ ଜଣେ ସୁ ସଂଗଠକ, ବିଜେପିର ସେବକ, ନିଜେ ବି ଦୁଇ ଦୁଇ ଥର ସଦାନନ୍ଦ ପୁର ଭଳି ପଞ୍ଚାୟତ ରେ ସେତେବେଳେ ୱାର୍ଡ ସଭ୍ୟ ଲଢ଼ିଛନ୍ତି । ଯେତେବେଳେ ବିଜେପି ର ଏମେଲ ସରପଞ୍ଚ ପ୍ରାର୍ଥୀ ମିଳିବା କଷ୍ଟକର ସେହିସମୟରେ ମଧ୍ଯ ସମିତି ସଭ୍ୟ ଭାବେ ଛିଡାହୋଇ ଲୋକଙ୍କ ସେବାରେ ନିୟୋଜିତ ଥିଲେ । ସେ ହେଉଛନ୍ତି ସମାଜସେବୀ ସତ୍ଯ ରଞ୍ଜନ ପାଣି (ବାବୁ ପାଣି)। ତାଙ୍କ ଜନ୍ମଦିନରେ ବସ୍ତା ବିଜେପି ନେତା ଶ୍ରୀଯୁକ୍ତ ଦେବାଶିଷ୍ କବି ଓ ଯୁବ ପ୍ରତିଭା ନିହାର ରଞ୍ଜନ ବେହେରା ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ବିଶୁ ସିଂ ଲକ୍ଷ୍ମୀକାନ୍ତ ଦଳେଇ କମଳା ସାର୍ ଗୋକୁଳାନନ୍ଦ ବେହେରା ଦିବାକର ଗିରି,ଆକାଶ, ମୁନ୍ନା, ଆଉ ବହୁ ବିଜେପି ନେତା କର୍ମୀ ସାମିଲ୍ ହୋଇ ଅତ୍ୟନ୍ତ ଉଲ୍ଲାସର ସହିତ ପାଳନ କରିଥିଲେ।

# ଜନ ଔଷଧି କେନ୍ଦ୍ରର ବାସ୍ତବ ଚିତ୍ର

- ପରିଚୟ ଫଳକ ନାହିଁ, ଔଷଧ ଯୋଗାଣରେ ସମସ୍ୟା
- ପ୍ରଧାନମନ୍ତ୍ରୀଙ୍କ ଫଟୋ ନାହିଁ
- ବାହାର କମ୍ପାନୀ ଔଷଧ ବିକ୍ରି ଅଭିଯୋଗ
- ତଦାରଖ ବ୍ୟବସ୍ଥା ଦୁର୍ବଳ




**ବାଲେଶ୍ୱର,୧୯।୬ :** ସାଧାରଣ ଲୋକଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ଯୋଗାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା (PMBJP) କାର୍ଯ୍ୟକାରୀ ହୋଇଛି। କିନ୍ତୁ ବାଲେଶ୍ୱର ସହରର କେତେକ ଜନ ଔଷଧି କେନ୍ଦ୍ରରେ ଏହି ଯୋଜନାର ସଠିକ୍ କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି। ସାଧାରଣ ଲୋକଙ୍କ ଅଭିଯୋଗ ସହ ଦୋକାନ ପରିଚାଳକଙ୍କ ପକ୍ଷରୁ ମଧ୍ୟ ଅନେକ ସମସ୍ୟା ସାମ୍ନାକୁ ଆସିଛି। ଅଭିଯୋଗ ଅନୁଯାୟୀ, ଜିଲ୍ଲାର ଅନେକ ଜନଔଷଧି କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ଫଟୋ କିମ୍ବା ଯୋଜନାର ସ୍ପଷ୍ଟ ପରିଚୟ ଫଳକ ଲଗାଯାଇନାହିଁ। ଫଳରେ ଅନେକ ଲୋକ ଏହା ଜନଔଷଧି କେନ୍ଦ୍ର ବୋଲି ଜାଣିପାରୁନାହାନ୍ତି ଏବଂ ସରକାରୀ ଯୋଜନାର ସୁବିଧାରୁ ବଞ୍ଚିତ ହେଉଛନ୍ତି। କେବଳ ସେତିକି ନୁହେଁ, କେତେକ କେନ୍ଦ୍ରରେ ଜନଔଷଧିର ଔଷଧ ଅପେକ୍ଷା ବାହାର କମ୍ପାନୀର ଜେନେରିକ୍ ଔଷଧ ଅଧିକ ପରିମାଣରେ ବିକ୍ରି ହେଉଥିବା ନେଇ ମଧ୍ୟ ଅଭିଯୋଗ ରହିଛି। ଲୋକଙ୍କ କହିବା ଅନୁଯାୟୀ, ଆବଶ୍ୟକ ଔଷଧ ନ ମିଳିବାରୁ ସେମାନେ ହଇରାଣ ହେଉଛନ୍ତି। ତେବେ ଏହି ପ୍ରସଙ୍ଗରେ କେତେକ ଜନଔଷଧି କେନ୍ଦ୍ର ପରିଚାଳକଙ୍କ ସହ ଯୋଗାଯୋଗ କରିବାରୁ ସେମାନେ କହିଛନ୍ତି ଯେ ଷ୍ଟକ୍ ସରିଯିବା ପରେ ନିୟମ ଅନୁଯାୟୀ ଔଷଧ ପାଇଁ ଅର୍ଡର କରାଯାଉଛି। କିନ୍ତୁ ସମୟରେ ସରକାରୀ ଯୋଗାଣ ନ ଆସିବାରୁ ରୋଗୀଙ୍କୁ ଫେରାଇ ନଦେବା ପାଇଁ ବାଧ୍ୟ ହୋଇ ଅନ୍ୟ କମ୍ପାନୀର ଜେନେରିକ୍ ଔଷଧ ରଖିବାକୁ ପଡୁଛି। ପରିଚାଳକମାନେ ଆହୁରି କହିଛନ୍ତି ଯେ, ଓଡ଼ିଶାରେ ଜନ ଔଷଧି କେନ୍ଦ୍ରଗୁଡ଼ିକର ତଦାରଖ ପାଇଁ ମାତ୍ର ଦୁଇଜଣ ନୋଡାଲ୍ ଅଫିସର ନିଯୁକ୍ତ ଅଛନ୍ତି। ଫଳରେ ବାଲେଶ୍ୱର ସମେତ ବିଭିନ୍ନ ଜିଲ୍ଲାରେ ନିୟମିତ ଯାଞ୍ଚ ସମ୍ଭବ ହେଉନାହିଁ। ସେମାନଙ୍କ ଗସ୍ତର କୌଣସି ନିର୍ଦ୍ଧାରିତ ସମୟସୂଚୀ ନଥିବାରୁ ତଦାରଖ ବ୍ୟବସ୍ଥା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ସରକାରଙ୍କ ଏହି ଜନହିତକର ଯୋଜନାର ଉଦ୍ଦେଶ୍ୟ ସଫଳ କରିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ସରକାରୀ ପରିଚୟ ଫଳକ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ପ୍ରଦର୍ଶନ, ଜନଔଷଧିର ଔଷଧର ନିୟମିତ ଯୋଗାଣ, ଏବଂ ନିୟମିତ ତଦାରଖ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।

# ସୋରରେ ଖୋଲିଲା 'ଇଭି ମି' ବାଇକ୍ ସୋରୁମ୍; ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଭି ବ୍ୟବହାରକୁ ବିଧାୟକଙ୍କ ଆହ୍ୱାନ



**ବାଲେଶ୍ୱର,୧୯।୬ :** ସୋର ବଡ଼ଖୁଆ ଛକ ନିକଟରେ ପିଏମ୍ ମୋଟର୍ସ ପକ୍ଷରୁ 'ଇଭି ମି' ବାଇକ୍ ସୋରୁମର ଶୁଭ ଉଦ୍ଘାଟନ ହୋଇଛି। ଉଦ୍ଘାଟନୀ ଉତ୍ସବରେ ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋରୁମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଧଡ଼ା କହିଥିଲେ ଯେ, ପରିବେଶ ପ୍ରଦୂଷଣ ହ୍ରାସ, ପେଟ୍ରୋଲ ଦର ବୃଦ୍ଧିର ପ୍ରଭାବ କମାଇବା ଏବଂ ଭବିଷ୍ୟତରେ ଶକ୍ତି ସଙ୍କଟକୁ ଦୃଷ୍ଟିରେ ରଖି ଇଲେକ୍ଟ୍ରିକ୍ ଯାନର ବ୍ୟବହାରକୁ ପ୍ରାଧାନ୍ୟ ଦେବା ସମୟର ଆବଶ୍ୟକତା। ସେ ଯୁବ ଉଦ୍ୟୋଗୀ ମନୋଜ କୁମାର ନାୟକ ଓ ପ୍ରଦୀପ କୁମାର ନାୟକଙ୍କୁ ଏପରି ପରିବେଶବନ୍ଧବ ପଦକ୍ଷେପ ପାଇଁ ପ୍ରଶଂସା କରିଥିଲେ। ସୋରୁମରେ ୪୮ ହଜାର ଟଙ୍କାରୁ ଆରମ୍ଭ କରି ବିଭିନ୍ନ ମଡେଲ୍ ଓ ମୂଲ୍ୟର ଇଭି ବାଇକ୍ ଉପଲବ୍ଧ ରହିଛି। ଗ୍ରାହକଙ୍କ ପାଇଁ କ୍ୟାସ୍ ଡିସକାଉଣ୍ଟ, ସହଜ ଇଏମଆଇ ସୁବିଧା, ଅନ୍-ରୋଡ୍ ସର୍ଭିସ୍ ଏବଂ ବ୍ୟାଟେରୀ ଉପରେ ୱାରେଣ୍ଟି ଭଳି ବିଭିନ୍ନ ସୁବିଧା ରଖାଯାଇଛି ବୋଲି କମ୍ପାନୀର ରିଜିଅନାଲ୍ ସେଲ୍ସ ମ୍ୟାନେଜର ମନୋଜ କୁମାର ପାଣି ସୂଚନା ଦେଇଥିଲେ। ଉଦ୍ଘାଟନୀ ଉତ୍ସବରେ ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ାଙ୍କ ସମେତ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତି, ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ହରିଅନ୍ତାରେ ଉନ୍ନୟନର ଆଉ ଏକ ନୂଆ ଅଧ୍ୟାୟ

# ବିଧାୟକ ଛବି ମଲ୍ଲିକଙ୍କ ଉଦ୍ୟମରେ ଉଦ୍‌ଘାଟିତ ହେଲା ସମବାୟ ଗୃହ



**ଫୁଲନଖରା,୧୯।୬ :** କଟକ ସଦର ଥାନା ଅନ୍ତର୍ଗତ ସାଇଁସୋ ଗ୍ରାମ ପଞ୍ଚାୟତର ହରିଅନ୍ତା ପ୍ରାଥମିକ କୃଷି ସମବାୟ ସମିତି ଲିଃର ନୂତନ ଭାବେ ନିର୍ମିତ ସମିତି କାର୍ଯ୍ୟାଳୟ ଗୃହର ଶୁଭ ଉଦଘାଟନ ନିଆଳିର ଲୋକପ୍ରିୟ ବିଧାୟକ ଇଂ. ଛବି ମଲ୍ଲିକଙ୍କ କରକମଳରେ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଯାଇଛି। ଏହି ନୂତନ ଗୃହ ନିର୍ମାଣ ପାଇଁ ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ନିଜସ୍ୱ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ତାଙ୍କର ଏହି ଜନହିତକର ପଦକ୍ଷେପକୁ ସ୍ଥାନୀୟ ଚାଷୀ ଓ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି। ଦୀର୍ଘ ଦିନ ଧରି ସମବାୟ ସମିତିର ନିଜସ୍ୱ କାର୍ଯ୍ୟାଳୟ ଗୃହର ଅଭାବ ରହିଥିବାରୁ ଅଞ୍ଚଳର ଶତାଧିକ ଚାଷୀ ବିଭିନ୍ନ ସରକାରୀ ସେବା, ଋଣ ସମ୍ବନ୍ଧୀୟ କାର୍ଯ୍ୟ ଓ ସମବାୟ ସୁବିଧା ପାଇବାରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ମାତ୍ର ଏକ ଗୃହ ନିର୍ମାଣ ନୁହେଁ, ଏହା ଚାଷୀଙ୍କ ଆଶା ଓ ବିଶ୍ୱାସର ଏକ ନୂତନ କେନ୍ଦ୍ର ପାଲଟିବ ବୋଲି ସ୍ଥାନୀୟ ଚାଷୀମାନେ ମତ ପ୍ରକାଶ କରିଛନ୍ତି। ଉଦଘାଟନୀ ସଭାରେ ବିଧାୟକ ଇଂ. ଛବି ମଲ୍ଲିକ ଚାଷୀଙ୍କ କଲ୍ୟାଣକୁ ସର୍ବଦା ପ୍ରାଥମିକତା ଦେଇ ଆସୁଥିବା କଥା ପ୍ରକାଶ ପାଇଥିଲା। ଗ୍ରାମାଞ୍ଚଳର ଉନ୍ନତି, କୃଷି କ୍ଷେତ୍ରର ଅଗ୍ରଗତି ଓ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ତାଙ୍କର ଏହି ଉଦ୍ୟମ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ଅତିଥିମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର, ସମବାୟ ସମିତିର ସଭାପତି ଶାହାନୱାଜ ଖାନ୍, ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ପାତ୍ର, ସଂଘମିତ୍ରା ପାତ୍ର, ତୁଷାର କୁମାର ଜେନା, ଲକ୍ଷ୍ମଣ ବେହେରା, ଜୟଦେବ ପ୍ରଧାନ, ବିଷ୍ଣୁ ଚରଣ ଜେନା, ନାରାୟଣ ବେହେରା, ବିଚିତ୍ରାନନ୍ଦ ଜେନା, କୈଳାସଚନ୍ଦ୍ର ତ୍ରିପାଠୀ, କୀର୍ତ୍ତି ଚନ୍ଦ୍ର ବେହେରା, ଶିବ ରଞ୍ଜନ ମହାପାତ୍ର, ସରୋଜ କୁମାର ସ୍ୱାଇଁ, ବୁଦ୍ଧନାଥ ଭୋଇ, ମମତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିକାଶ ସାହୁ, ଉପେନ୍ଦ୍ର ସାହୁ, ଅଶୋକ ଦାସ, ଗୌରାଙ୍ଗ ନାଥ, ବିଜୟ ପ୍ରଧାନ, ନିରୋଦ ଜେନା, ଅଶ୍ୱିନୀ ସାମନ୍ତରାୟ, କାର୍ତ୍ତିକ ଜେନା, ସୁକାନ୍ତ ପଟ୍ଟନାୟକ, ରମେଶ ମହାପାତ୍ର ଓ ରୁଦ୍ର ତ୍ରିପାଠୀ ପ୍ରମୁଖ ବରିଷ୍ଠ ସଂଗଠକମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସମବାୟ ସମିତିର ସମ୍ପାଦକ ବିଶ୍ୱନାଥ ମହାପାତ୍ର ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନୂତନ ସମିତି ଗୃହର ନିର୍ମାଣ ଦ୍ୱାରା ହରିଅନ୍ତା ଓ ଆଖପାଖ ଅଞ୍ଚଳର ଚାଷୀମାନେ ଏଣିକି ସହଜ ଓ ସୁବ୍ୟବସ୍ଥିତ ଭାବରେ ସମବାୟ ସେବା ପାଇପାରିବେ। ଏହା ଗ୍ରାମୀଣ କୃଷି ବ୍ୟବସ୍ଥାକୁ ଆହୁରି ମଜବୁତ କରିବା ସହ ଚାଷୀଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ରାଜ୍ୟସ୍ତରୀୟ କିରୋଗୀ ଓ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଉପାନ୍ତ ତାରକାଙ୍କ ସଫଳତା



**ପାତ୍ରପୁର, ୧୯।୬ :** କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କିରୋଗୀ ଓ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଉପାନ୍ତ ତାରକାଙ୍କୁ ସଫଳତା ମିଳିଛି । ଗତ ୧୬ ତାରିଖ ଠାରୁ ଆରମ୍ଭ ହୋଇ ୧୮ ତାରିଖରେ ଶେଷ ହୋଇଥିବା ରାଜ୍ୟସ୍ତରୀୟ କିରୋଗୀ ଓ ଟାଏକୋଣ୍ଡୋ ପ୍ରତିଯୋଗିତାରେ ପାତ୍ରପୁର ବ୍ଲକକୁ ଦୁଇଟି ପଦକ ମିଳିଛି । ଜୁନିୟର ବିଭାଗରେ ସାଇ ସଂପ୍ରୀତି ପ୍ରଧାନ ରୌପ୍ୟ ପଦକ ହାସଲ କରିଥିବା ବେଳେ ବିଦୁସ୍ମିତା ତରାସିଆ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ସଫଳତା ପରେ ଅଞ୍ଚଳରୁ ଶିକ୍ଷକ ବାସୁ ନାୟକ ଓ ଉଭୟ ପ୍ରତିଯୋଗୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଠିକାଦାର ମହାସଙ୍ଘର ଗୁରୁତ୍ୱପୂର୍ଣ୍ଣ ବୈଠକ



**କୋଟପାଡ଼,୧୯।୬ :** ଆଜି କୋଟପାଡ଼ ଠିକାଦାର ମହାସଙ୍ଘର ଗୋଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି, ଆଜିର ସଭାପତି ଶିବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି ସଭା ଆୟୋଜନ କରାଯାଇଥିଲା,ଏହି ବୈଠକର ସମ୍ପୂର୍ଣ୍ଣ ଆଲୋଚନା ହୋଇଥିବା ବିବରଣୀ ଗୁଡିକ ହେଲା ବୈଠକର ମୁଖ୍ୟ ଆଲୋଚନା ଓ ନିଷ୍ପତ୍ତି ୬ ମାସର ବଜେଟ୍ ରିପୋର୍ଟ: ବିଗତ ୬ ମାସର ଆୟ ଓ ବ୍ୟୟର ବଜେଟ୍ ରିପୋର୍ଟ ଉପସ୍ଥାପନ କରାଯାଇଥିଲା ଏବଂ ସଂଘର ଆର୍ଥିକ ସ୍ୱଚ୍ଛତା ଉପରେ ଆଲୋଚନା ହୋଇଥିଲା,ଠିକାଦାର ସଙ୍ଘ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ସଂଘର ବରିଷ୍ଠ କଣ୍ଟ୍ରାକ୍ଟରମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା, ବିଶେଷ କରି ଆଗାମୀ ଟେଣ୍ଡର ପାଇଁ ରଣନୀତି କରାଯାଇ ଆଗକୁ ଆସୁଥିବା ନୂଆ ଟେଣ୍ଡରଗୁଡ଼ିକରେ କିଭଳି ସମସ୍ତ ସଭ୍ୟ ସଠିକ୍ ଭାବେ ଅଂଶଗ୍ରହଣ କରିବେ ଏବଂ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବେ,ସେଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା,ସୂଚନା ଥାଉକି ସଂଘର ୩ ଜଣ ମୁଖ୍ୟ ଉପଦେଷ୍ଟା ଉମେଶ ଚନ୍ଦ୍ର ବ୍ରହ୍ମା,ତପନ ମହାପାତ୍ର,ସୁନିଲ କୁମାର ଦାଶ,ଶ୍ରୀମନ୍ତ କୁମାର ପଣ୍ଡା ଆଇନ ଉପଦେଷ୍ଟାଙ୍କ ମାର୍ଗଦର୍ଶନରେ ଏହି ବୈଠକ ସଫଳତାର ସହିତ ସମ୍ପନ୍ନ ହୋଇଥିଲା, ଆଜିର ଏହି ବୈଠକରେ କୋଟପାଡ଼ କଣ୍ଟ୍ରାକ୍ଟର ସଙ୍ଘର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ନିଜ ନିଜର ମତାମତ ଦେବା ସହ ସଂଘର ସଂହତି ଓ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ।

# ଗୋଚର ଜାଗାରେ ବେଆଇନ ଭାବେ ଆମ ଗାଁ ଆମ ବିକାଶ ଯୋଜନାରେ ବ୍ୟାୟାମ କେନ୍ଦ୍ର ନିର୍ମାଣ



**ବସ୍ତା,୧୯।୬ :** ଆଇନକୁ ଫାଙ୍କି ଦେଇ ଗୋଚର ଜାଗା ରେ ବେଆଇନ ଭାବେ ଆମ ଗାଁ ଆମ ବିକାଶ ଯୋଜନାରେ ବ୍ୟାୟମ କେନ୍ଦ୍ର ନିର୍ମାଣ ହେଉଥିବାରୁ ତହସିଲ ଦାର, ବିଡିଓ ଏବଂ ଜିଲାପାଳଙ୍କ ଠାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ ବସ୍ତା ବ୍ଲକ ସିଙ୍ଗଲା ଥାନା ଗୁହାଳିପଦା ମୌଜାର ଖାତା ନଂ ୩୧୮, ଗୋଚର ପ୍ଲଟ ୫୧୫ ରେ ଏହି ବ୍ୟାୟାମ କେନ୍ଦ୍ର ନିର୍ମାଣ ହେଉଥିବା ବେଳେ ଏହାର ବ୍ୟୟ ଅଟକଳ ମୂଲ୍ୟ ୮ ଲକ୍ଷ ୮୬ ହଜାର ହୋଇଛି ।ସେହିପରି ସେହି ଗୋଚର ଜାଗାରେ ଅଲେଖ ମନ୍ଦିର ଠାରୁ ଦେବେନ୍ଦ୍ର ବିଦ୍ଧାଣି ଘର ପର୍ଯ୍ୟନ୍ତ କଙ୍କ୍ରିଟ ରାସ୍ତା ପାଇଁ ୫ ଲକ୍ଷ ଟଙ୍କାର ଏକ ଫଳକ ଲଗା ଯାଇଛି। ଯାହାକି ସମ୍ପୂର୍ଣ ଆଇନ ବିରୁଦ୍ଧ ।ଏହି ଜମିରେ ଗାଁର ଗାଇ, ଗୋରୁ,ଛେଳି ପ୍ରଭୃତି ଗୃହ ପାଳିତ ପଶୁ ଚରା ବୁଲା କରନ୍ତି। ମାତ୍ର ଗ୍ରାମର କୌଣସି ସେମିତି ଜାଗା ନଥିବାରୁ ଏସବୁ ବେଆଇନ କାମ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି।

# ଶ୍ରୀଶ୍ରୀ କଳ୍ପତରୁ ନବରାତ୍ର ମହାଯଜ୍ଞର ୮୪ ତମ ବାର୍ଷିକ ମହୋତ୍ସବ

**ବାସୁଦେବପୁର,୧୯।୬ :** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ପଞ୍ଚାୟତ ରେ ଶ୍ରୀ ଶ୍ରୀ ନବରାତ୍ର ଓ ଅଖଣ୍ଡ ନାମ ମହାଯଜ୍ଞ ସେବାକୁଞ୍ଜ ଆଶ୍ରମ ରେ ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ଜୁନ ୧୪ ତାରିଖ ପ୍ରଥମ ରଜ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ନବ ରାତ୍ର ମହାଯଜ୍ଞ ର ୮୪ ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଅଛି। ଏହି ଅବସରରେ ନିର୍ମାଣ ହୋଇଥିବା ବାବା ଅଖଣ୍ଡ ମହାପ୍ରଭୁଙ୍କ ନୂତନ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଦେଖିବାକୁ ମିଳୁଅଛି। ଉକ୍ତ ବାର୍ଷିକ ଉତ୍ସବ ନଅ ଦିନ ଧରି ଚାଲୁ ରହିବା ସହିତ ସ୍ଥାନୀୟ ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ବାସୁଦେବପୁର ଅଞ୍ଚଳ ସହିତ ଭଦ୍ରକ, ବାଲେଶ୍ୱର , କେନ୍ଦ୍ରାପଡ଼ା ଜିଲ୍ଲା ରୁ ମଧ ଅନେକ ଶ୍ରଦ୍ଧାଳୁମାନେ ଅଖଣ୍ଡ ମହାପ୍ରଭୁଙ୍କ ଶରଣକୁ ଆସିଥାନ୍ତି ଏବଂ ମନସ୍କାମନା ପୁରଣ ପାଇଁ ପୂଜା ଅର୍ଚ୍ଚନା ମଧ କରିଥାନ୍ତି। ଏହି ଅଖଣ୍ଡ ମହାପ୍ରଭୁଙ୍କ ନିକଟରେ ଯିଏ ମନସ୍କାମନା କରିଥାଏ ତାହା ପୁରଣ ହୋଇଥାଏ ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି। ପ୍ରତ୍ୟେକ ଦିନ ଆଖପାଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାର ଜନ ସମାଗମ ଏଠାରେ ଦେଖିବାକୁ ମିଳିଥାଏ। ନଅ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ରେ ପ୍ରତି ଦିନ ବାବା ଅଖଣ୍ଡ ମହାପ୍ରଭୁଙ୍କ ପୂଜା ପାଠ, ସଂକୀର୍ତ୍ତନ ସହ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ ର ହରିହାଟ ର ବ୍ୟବସ୍ଥା କରାଯାଇଥାଏ । ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ଦଳ ଉକ୍ତ ନାମ ମହାଯଜ୍ଞ ରେ ଯୋଗଦାନ କରିଥାନ୍ତି।

'(ଭଜ) ନିତାଇ ଗୌର ରାଧେ ଶ୍ୟାମ, (ଜପ) ହରେକୃଷ୍ଣ ହରେ ରାମ' ମହା ମନ୍ତ୍ର ଧ୍ୱନିରେ ମନ୍ଦିର ପରିସର ଉଚ୍ଛୁଳି ପଡେ। ଭକ୍ତ ମାନେ ଆନନ ମନରେ ଭକ୍ତିଭାବ ରେ ଅହୋରାତ୍ର ନାମ ସଂକୀର୍ତ୍ତନ କରିବା ସହିତ ମନ୍ଦିର ପରିକ୍ରମା କରିଥାନ୍ତି। ଉକ୍ତ ନବରାତ୍ର ମହାଯଜ୍ଞ ରେ ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ମାନେ ଯୋଗଦାନ କରିଥାନ୍ତି। ବାର୍ଷିକ ଏଥିସହିତ ଉଦଯାପନୀ ଉତ୍ସବ ର ସଂଧ୍ୟାରେ ମହିଳା ଓ ଯୁବତୀମାନଙ୍କ ଦ୍ୱାରା ୧୦୮ ଭାଗବତ ପାଠ କରାଯାଇଥାଏ।



ଏହି ଉଦଯାପନୀ ଉତ୍ସବରେ ସ୍ଥାନୀୟ ବିଧାୟକ , ପୁର୍ବତନ ସାଂସଦ , ପୁର୍ବତନ ବିଧାୟକ , ସମାଜସେବୀ , ସରପଞ୍ଚ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହିତ ନବରାତ୍ର ଶ୍ରୀ ଅଖଣ୍ଡ ନାମ ଯଜ୍ଞ କମିଟି ର ସମସ୍ତ ସଦସ୍ୟ ଯୋଗଦାନ କରି ଭଗବାନ ଙ୍କ ଆଶୀର୍ବାଦ ଭିକ୍ଷା କରିବା ସହିତ ନାମ ସଂକୀର୍ତ୍ତନ ର ଆନନ୍ଦ ନେଇଥାନ୍ତି। ଉଦଯାପନୀ ଉତ୍ସବରେ ଦଶ ହଜାର ରୁ ଅଧିକ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଆନନ୍ଦ ବଜାର ରେ ପ୍ରସାଦ ସେବନ ର ବ୍ୟବସ୍ଥା କମିଟି ପକ୍ଷରୁ କରାଯାଇଥାଏ। ଶେଷରେ ନଗର କୀର୍ତ୍ତନ କରାଯାଇ ନବ ରାତ୍ର ବାର୍ଷିକ ଉତ୍ସବ ସମ୍ପନ୍ନ କରାଯାଇଥାଏ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha

Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati